**ଆଜିଠୁ ଶ୍ରୀ କପିଳେଶ୍ୱର ଦେବଙ୍କ ନୀତି ସ୍ୱାଭାବିକ**

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ): ଶ୍ରୀକପିଳେଶ୍ୱର ଦେବଙ୍କ ନୀତକାନ୍ତି ମଙ୍ଗଳବାରଠାରୁ ସ୍ୱାଭାବିକ ହେବ। ସୂଚନା ମୁତାବକ, ସୋମବାର ଅପରାହ୍ଣରେ ମଲିଆ ସେବାୟତମାନେ ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ କରିବା ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଗତ ୧୦ତାରିଖରେ ପ୍ରଶାସର ଆଦେଶ ଏବଂ ୧୭ ତାରିଖର ଶ୍ରୀ କପିଳେଶ୍ୱର ମନ୍ଦିରର ଟ୍ରଷ୍ଟ ବୋର୍ଡ ବୈଠକ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଥିଲା। ପରେ ଉପଜିଲାପାଳ ମନ୍ଦିରର ଖୁଣ୍ଟିଆ ସେବାୟତଙ୍କୁ ଡକାଇଥିଲେ। ଖୁଣ୍ଟିଆ ସେବାୟତଙ୍କ ଉପସ୍ଥିତିରେ ପ୍ରଶାସନ ମଲିଆ ସେବାୟତଙ୍କୁ ଚାବି ହସ୍ତାନ୍ତର କରିଥିଲେ। ଶ୍ରୀକପିଳେଶ୍ୱର ଦେବଙ୍କ ନୀତକାନ୍ତି ମଙ୍ଗଳବାରଠାରୁ ସ୍ୱାଭାବିକ ହେବ ବୋଲି ଜଣେ ସେବାୟତ କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଶହୀଦ ଭଗତ୍ ସିଂହଙ୍କ ଶହୀଦ ଦିବସ ପାଳନ, ମାଷ୍ଟରକ୍ୟାଣ୍ଟିନ ଛକ, ସକାଳ ୮ଟା।
- ରେଡ୍‌କ୍ରସ ସୋସାଇଟି ପକ୍ଷରୁ ରକ୍ତଦାନ ଶିବିର, ରେଡ୍‌କ୍ରସ ଭବନ ପରିସର, ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଣାମ ବାପୁ କାର୍ଯ୍ୟକ୍ରମ, ରାଜ୍ୟ ସଂଗ୍ରହାଳୟ ପରିସର, ସକାଳ ୯ଟା ୩୦।
- ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଅବସରରେ ଚିତ୍ରକଳା ପ୍ରଦର୍ଶନୀ, ପାନ୍ଥନିବାସ ସମ୍ମିଳନୀ କକ୍ଷ, ଲୁଇସ୍ ରୋଡ୍, ପୂର୍ବାହ୍ଣ ୧୧ଟା।
- ସମାଜବାଦୀ ପାର୍ଟି ପକ୍ଷରୁ ନେତା ଡ.ରାମ ମନୋହର ଲୋହିଆଙ୍କ ଜୟନ୍ତୀ ଓ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ, ରାଜ୍ୟ କାର୍ଯ୍ୟାଳୟ, ଭି.ଆର୍.-୩୮, ୟୁନିଟ-୬, ପୂର୍ବାହ୍ଣ ୧୧ଟା।
- ଡ.ରାମମନୋହର ଲୋହିଆ: ଜୀବନ ଓ ଦର୍ଶନ ପୁସ୍ତକ ଉନ୍ମୋଚନ, ଲୋହିଆ ଏକାଡେମୀ, ଅପରାହ୍ଣ ୫ଟା।
- ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ଆସର, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।
- ଶ୍ରୁତି ଅନୁଷ୍ଠାନ ପକ୍ଷରୁ ୧୬ତମ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟକ ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ନାଟକ ଉତ୍ସବ ରଙ୍ଗସଙ୍ଗମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ ଅବସରରେ ପଦଯାତ୍ରା, ଗୁଣନିଧି ଭବନ, ସକାଳ ୯ଟା ।
- ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ଶହୀଦ ଦିବସ ସମାରୋହ, ସ୍ୱର୍ଗଧାମ ପରିସର, ଖାନ୍‌ନଗର, ଅପରାହ୍ଣ ୫ଟା।
- ଚେଲିତୋଳ କଲ୍‌ଚରାଲ ଏକାଡେମୀର ୩୦ତମ ବାର୍ଷିକ ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।

# ଏସ୍‌ସିବି ନର୍ସିଂ କଲେଜ ଅଧକ୍ଷାଙ୍କ ବଦଳି ଦାବିରେ ଧାରଣା




କଲେଜ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**ପରୀକ୍ଷା ଘୁଞ୍ଚାଇବାକୁ ଦାବି**

କଟକ ଅଫିସ, ୨୨।୩

ଏସ୍‌ସିବି ନର୍ସିଂ କଲେଜ ଅଧକ୍ଷାଙ୍କ ବଦଳି ଦାବିରେ ଛାତ୍ରୀଛାତ୍ରମାନେ ସୋମବାର ପୂର୍ବାହ୍ଣରେ କଲେଜ ସମ୍ମୁଖରେ ଧାରଣାରେ ବସିଥିଲେ। ନର୍ସିଂ କଲେଜ ଅଧକ୍ଷା ଛାତ୍ରୀଛାତ୍ରଙ୍କୁ ମାନସିକ ନିର୍ଯାତନା ଦେବା ସହ ମୌଳିକ ଆବଶ୍ୟକତା ଯୋଗାଇ ଦେଉନାହାନ୍ତି। କରୋନା ସମୟରେ ଛାତ୍ରୀଛାତ୍ରମାନଙ୍କୁ ଘରକୁ ପଠାଇ ଦେଇଥିଲେ। ସେଠାରେ ସେମାନେ ଅନଲାଇନ୍‌ରେ ପାଠ ପଢୁଥିଲେ ହେଁ ସେମାନଙ୍କର ଡାଉଟ୍ କ୍ଲିୟର ହୋଇପାରି ନ ଥିଲା। ଏପରି ସ୍ଥଳେ ଅଧକ୍ଷା ତାଙ୍କର ପରୀକ୍ଷା କରିବାକୁ ସ୍ଥିର କରିଛନ୍ତି। ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ ନୁହେଁ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ଅନ୍ୟପକ୍ଷରେ ଅଧକ୍ଷା ବିଜୟଲକ୍ଷ୍ମୀ ଦାଶ ଛାତ୍ରୀଛାତ୍ରଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଥିସହ ଧାରଣା ସମ୍ବନ୍ଧରେ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅବଗତ କରିଛନ୍ତି। ଛାତ୍ରୀଛାତ୍ରମାନେ ଯେଉଁ ଲାଇବ୍ରେରୀ ସମ୍ବନ୍ଧରେ ଜଣାଇଥିଲେ ସରକାରୀ ସ୍ତରରେ ତାହାର କାର୍ଯ୍ୟ ଆରମ୍ଭ ହୋଇଛି। ପାଠରେ ଡାଉଟ୍ ରହିଥିବାରୁ ସେମାନଙ୍କର ସ୍ୱତନ୍ତ୍ର ଡାଉଟ୍ କ୍ଲିୟରିଂ କ୍ଲାସ୍ ସରିଛି। ସେମାନେ ପରୀକ୍ଷା ଘୁଞ୍ଚାଇବାକୁ ଦାବି କରୁଛନ୍ତି, ଯାହା ସମ୍ଭବପର ନୁହଁ। କାରଣ ପରୀକ୍ଷା ଆମେ କରୁନାହୁଁ। ଏହା ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଉଛି ବୋଲି ଦାଶ କହିଛନ୍ତି।

## ଚୋରା କୋଇଲା ଜବତବେଳେ ବନାଞ୍ଚଳ ଅଧିକାରୀଙ୍କୁ ଘେରାଉ

**୮୫ ବସ୍ତା କୋଇଲା ଜବତ**

ଖୁଣ୍ଟୁଣୀ, ୨୨।୩ (ଡି.ଏନ.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର୍ ଓ ବନ କର୍ମଚାରୀମାନେ ସ୍ଥାନୀୟ ଖଣ୍ଟୁଆଳି ହରିଜନ ସାହିଠାରେ ଚୋରା କାଠ କୋଇଲା ଜବତ କରିଥିଲେ। ଏହି ସମୟରେ କୋଇଲା ମାଫିଆମାନେ ସେମାନଙ୍କୁ ପ୍ରାୟ ୨ ଘଣ୍ଟା କାଳ ଅଟକ ରଖିଥିଲେ। ଖବରପାଇ ଆଠଗଡ଼ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ଘଟଣାସ୍ଥଳରେ ପହଞ୍ଚି ଖୁଣ୍ଟୁଣୀ ଥାନା ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସଙ୍କୁ ଫୋନ୍ କରିଥିଲେ। ଆଇଆଇସି ଦାସ ସେଠାରେ ପହଞ୍ଚିବା ମାତ୍ରେ ମାଫିଆମାନେ ଫେରାର ହୋଇଯାଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ହରିଜନ ସାହିଠାରେ ଲକ୍ଷାଧିକ ଟଙ୍କାର କୋଇଲା ଓ କାଠ ରହିଥିବା ଖବରପାଇ ବନ କର୍ମଚାରୀମାନେ ଚଢାଉ କରିଥିଲେ। ସେଠାରୁ ୧୨ ଖଣ୍ଡ ଶାଳ ଲଗ୍, ୮୫ ବସ୍ତା କୋଇଲା ଜବତ କରିଥିଲେ। ଏହି କୋଇଲା ପ୍ରସ୍ତୁତ ପାଇଁ ପ୍ରାୟ ୨ ଟ୍ରକ କାଠ ପୋଡା ଯାଇଥିବା ଜଣେ ବନ କର୍ମଚାରୀ ସୂଚନା ପାଇଥିଲେ। ଏହାକୁ କଟକ, ଭୁବନେଶ୍ୱର ଓ ଟାଙ୍ଗୀ ଅଞ୍ଚଳକୁ ପଠାଯାଇଥାନ୍ତା। ସମସ୍ତ କୋଇଲା ଓ କାଠକୁ ବନାଞ୍ଚଳ କର୍ଯ୍ୟାଳୟକୁ ନିଆଯାଇଛି।

## ସଂକ୍ଷେପରେ

### ଜିଲା ଦୌରାଜଜ୍‌ଙ୍କ ଚୌଦ୍ୱାର ଜେଲ ପରିଦର୍ଶନ

**ଚୌଦ୍ୱାର, ୨୨।୩(ଡି.ଏନ.ଏ.):** ଜିଲା ଦୌରାଜଜ୍ ରାଜ କୁମାର ସାହୁ ସୋମବାର ଚୌଦ୍ୱାର ଜେଲ ପରିଦର୍ଶନ କରିଥିଲେ। ସେଠାରେ ସେ ଅନ୍ତେବାସୀ ଓ ଜେଲ୍‌ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରେ ରହି ଯୁକ୍ତ ୨ ଓ ମାଟ୍ରିକ ପରୀକ୍ଷା ଦେଇଥିବା ୩ ଜଣ ଅନ୍ତେବାସୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଦୌରାଜଜ୍‌ଙ୍କ ପରିଦର୍ଶନରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଜେନା ସାମିଲ ହୋଇଥିଲେ। କରୋନାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଖୁବ୍‌ଶୀଘ୍ର ଜେଲ୍ ଆସି ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବ ବୋଲି ଜିଲାପାଳ କହିଛନ୍ତି। ଏହି ପରିଦର୍ଶନବେଳେ ଜେଲ ଡିଆଇଜି କୁଳମଣି ବେହେରା, ଜେଲର ଅବିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସେବା ସମବାୟ ସମିତି ସମ୍ପାଦକଙ୍କୁ ଆକ୍ରମଣ ଅଭିଯୋଗ

**ସାଲେପୁର, ୨୨।୩(ଡି.ଏନ୍.ଏ.):** ସାଲେପୁର ଥାନା ଅଧୀନ ଚଦ୍ରାଦେଇପୁର ସେବା ସମବାୟ ସମିତି ସମ୍ପାଦକ ଉମେଶଚନ୍ଦ୍ର ସ୍ୱାଇଁଙ୍କୁ ଆକ୍ରମଣ ହୋଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସମ୍ପାଦକ ସ୍ୱାଇଁ ସମିତିରେ କାର୍ଯ୍ୟ କରୁଥିବା ସମୟରେ ଲୁଣାହାର ଗ୍ରାମର ଜୟନ୍ତ କୁମାର ମଲ୍ଲ ସେଠାରେ ପହଞ୍ଚି ଧାନ କ'ଣ ପାଇଁ ନେଉନାହଁ ବୋଲି କହି ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପୋଲିସ ପକ୍ଷରୁ ମାମଲା (ନଂ.୬୦/୨୧) ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ବିଜୟ କୁମାର ବିଶି ସୂଚନା ଦେଇଛନ୍ତି।

### ଦଶରାଜ୍ୟ ଗୋପାଳ ସମାଜର ସାଧାରଣ ସଭା

**ବାଙ୍କୀ, ୨୨।୩(ବି.ପ୍ର.):** ବାଙ୍କୀ ବ୍ଲକ ରାଜୀବ ଗ୍ରାମରେ ଦଶରାଜ୍ୟ ଗୋପାଳ ସମାଜର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶଙ୍କର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଉତ୍କଳ ଯାଦବ ସମାଜ ସଭାର ସଭାପତି ସୁବାସ ଚନ୍ଦ୍ର ବେହେରା, ବାଙ୍କୀ ବ୍ଲକ ଉପାଧକ୍ଷ ମଦନ ମୋହନ ନାୟକ, ସାମାଜିକକର୍ମୀ ଧନୁର୍ଦ୍ଧର ବଳିୟାର ସିଂ ଏବଂ ପ୍ରଦୀପ କୁମାର ବେହେରା ଯୋଗଦେଇଥିଲେ। ଦଶରାଜ୍ୟ ଗୋପାଳ ସମାଜର ସମ୍ପାଦକ ବଳଭଦ୍ର କଟିକିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଚିନ୍ତାମଣି ବେହେରା, କବିର ବେହେରା, ସୁରେଶ ବେହେରା ପ୍ରମୁଖ ଯୋଗଦେଇ ଗୋପାଳ ସମାଜର ଉନ୍ନତି ଓ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

## ଏଆଇଟିୟୁସି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କଟକ ଅଫିସ, ୨୨।୩

ବିଭିନ୍ନ ଦାବି ନେଇ ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ (ଏଆଇଟିୟୁସି) କଟକ ଜିଲା କମିଟି ପକ୍ଷରୁ ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ସରକାର ଘୋଷଣା କରିଥିବା ଅର୍ଥ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା, ଅଙ୍ଗନୱାଡି, ଆଶାକର୍ମୀ, ପାଚିକାମାନଙ୍କୁ ୱାର୍କସ ମାନ୍ୟତା ଦେବାକୁ ଦାବି କରାଯାଇଛି। ସେହିପରି ବ୍ୟାଙ୍କ, ବୀମା ଓ ଅନ୍ୟାନ୍ୟ ରାଷ୍ଟ୍ରାୟ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଶ୍ରମ ଆଇନ ବାତିଲ, ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଭଳି ଦାବି କରାଯାଇଥିଲା। ପରେ ୯ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଦାବି ପୂରଣ ନ ହେଲେ ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରରେ ଧାରଣା ଦିଆଯିବ ବୋଲି ଏଆଇଟିୟୁସି ପକ୍ଷରୁ ଚେତାବନୀ ଦିଆଯାଇଛି। କିଶୋର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଏଆଇଟିୟୁସି ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଜିଲା ସମ୍ପାଦକ ବିନୋଦ ବେହେରା, ଉପସଭାପତି ଅମରେନ୍ଦୁ ମହାନ୍ତି, ପୀତାମ୍ବର ଲେଙ୍କା, ଏଆଇୟୁଟିୟୁସିର ରାଜ କିଶୋର ମଲ୍ଲିକ, ବାସନ୍ତୀ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



ମହାତ୍ମା ଗାନ୍ଧୀଙ୍କ କଟକ ଆଗମନର ଶତବାର୍ଷିକୀ ସମାରୋହ ପାଳନ ଉପଲକ୍ଷେ କଟକ ରେଳ ଷ୍ଟେଶନ ନିକଟରୁ ବାହାରିବାକୁ ଥିବା ବିଶାଳ ଶୋଭାଯାତ୍ରାର ଅବ୍ୟବହିତ ପୂର୍ବରୁ ସୋମବାର ଓଡ଼ିଶା ପୋଲିସ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି।

## ରାମେଶ୍ୱରଙ୍କ ଚାଟେରି ଭୋଗଖିଆ ପରମ୍ପରା ପାଳନ ହେଉ

କଟକ ଅଫିସ, ୨୨।୩

ଖୋର୍ଦ୍ଧା ଜିଲା ଇନଜନପୁର ଗ୍ରାମରେ ଦୋଳ ମେଳଣ ଉପଲକ୍ଷେ ରାମେଶ୍ୱର ଦେବଙ୍କ ଚାଟେରି ଭୋଗ ଖିଆକୁ ନେଇ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ହାଇକୋର୍ଟ ବିଚାରପତି ସଞ୍ଜୟ କୁମାର ମିଶ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ରାମେଶ୍ୱର ଦେବଙ୍କ ଚାଟେରି ଭୋଗ ଖିଆ ପରମ୍ପରାକୁ ନିର୍ବାହ କରିବା ପାଇଁ ବାଲୁଗାଁ ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାମେଶ୍ୱରଙ୍କ ଚାଟେରି ଭୋଗ ଖିଆ ସମୟରେ କୋଭିଡ୍ ନିୟମ ପାଳନ ପାଇଁ ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି। ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଥିଲେ, ରାମେଶ୍ୱର ଦେବଙ୍କର ନୂତନ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଏପର୍ଯ୍ୟନ୍ତ ଦାୟିତ୍ୱ ନେଇନାହାନ୍ତି। ପୂର୍ବତନ ଟ୍ରଷ୍ଟି ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଏହାର ସୁଯୋଗ ନେଇ ପୂର୍ବତନ ଟ୍ରଷ୍ଟି ଜଣକ ରାମେଶ୍ୱର ଦେବଙ୍କ ଚାଟେରି ଭୋଗ ଖିଆ ପରମ୍ପରାକୁ ଭଙ୍ଗ କରିବାକୁ ପ୍ରୟାସ କରୁଛନ୍ତି। ଏଥିପାଇଁ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ଏଥିରେ କମିଶନର, ଆସିଷ୍ଟାଣ୍ଟ୍ କମିଶନର ଏଣ୍ଡାଓମେଣ୍ଟ, ଖୋର୍ଦ୍ଧା ଜିଲାପାଳ, ଏସ୍‌ପି, ଚିଲିକା ତହସିଲଦାର, ବାଲୁଗାଁ ଥାନା ଅଧିକାରୀ ଓ ବାଲୁଗାଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜୟଦେବ ବେହେରା ମାମଲା ପରିଚାଳନା କରିଥିଲେ।

## ଲିବ୍ରାକାର୍ପେଟ କମ୍ପାନୀ ପରିସରରେ ଅଗ୍ନିକାଣ୍ଡ

ଚୌଦ୍ୱାର, ୨୨।୩(ଡି.ଏନ.ଏ.)

ଚୌଦ୍ୱାରଠାରେ ବନ୍ଦ ହୋଇଥିବା ଲିର୍ବାକାର୍ପେଟ କମ୍ପାନୀ ପରିସରରେ ସୋମବାର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ବିଭିନ୍ନ ଗଛ ପୋଡିଯାଇଛି। ପୂର୍ବାହ୍ଣ ପ୍ରାୟ ୧୧ଟା ୪୦ ମିନିଟ୍‌ରେ ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୁଇଟି ଦମକଳ ସହାୟତାରେ ଅପରାହ୍ଣ ୪ଟା ସୁଦ୍ଧା ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ଏଥିରେ କମ୍ପାନୀର କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କମ୍ପାନୀ ବନ୍ଦ ରହିଥିବାରୁ ଏହା ପରିସରରେ ଅନାବନା ଗଛ ଉଠି ଜଙ୍ଗଲରେ ପରିଣତ ହୋଇଗଲାଣି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ ଏ ନେଇ କମ୍ପାନୀ ପକ୍ଷରୁ ପ୍ରତିକ୍ରୀୟା ମିଳିପାରିନାହିଁ।

## ଏକାମ୍ର ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ

ପୁରୁଣାଭୁବନେଶ୍ୱର, ୨୨।୩(ଡି.ଏନ୍.ଏ)

ଏକାମ୍ର ବରିଷ୍ଠ ନାଗରିକ ସଂଘର ଚତୁର୍ଥ ବାର୍ଷିକୋତ୍ସବ ସୋମବାର କେଦାରଗୌରୀ ମନ୍ଦିରସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଅନ୍ୟ ଅତିଥିଭାବେ ରାଜ୍ୟସଭା ସଦସ୍ୟ ରଘୁନାଥ ମହାପାତ୍ର, ବିଜେଡିନେତା ଅରୁପ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ରବି ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ୭ଜଣଙ୍କୁ ଏକାମ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି ହୃଷିକେଶ ତ୍ରିପାଠୀ, ସମ୍ପାଦକ ଧୀରେନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା ଧନ୍ୟବାଦ ଦେଇଥିଲେ।

## ସଂଜ୍ଞାହୀନ ଅବସ୍ଥାରେ ନାବାଳିକା ଉଦ୍ଧାର

**ଅଭିଯୁକ୍ତ ଶିକ୍ଷକ ଥାନାରେ ଅଟକ**

ନିଶ୍ଚିନ୍ତକୋଇଲି, ୨୨।୩ (ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଓଥକା ଗ୍ରାମର ବଇଜଙ୍ଗ ଦଣ୍ଡା ନିକଟରୁ ସୋମବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ଜଣେ କୋଚିଂ ସେଣ୍ଟର ଶିକ୍ଷକ ମାଡ଼ ମାରି ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି ବୋଲି ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ନାବାଳିକା ଥାନା ଅଞ୍ଚଳର ଏକ ବେସରକରୀ କୋଚିଂ ସେଣ୍ଟରରେ ପାଠ ପଢ଼ନ୍ତି। ସେ ସନ୍ଧ୍ୟାରେ ସେଠାରୁ ପାଠ ପଢ଼ି ଘରକୁ ଫେରୁଥିବାବେଳେ ବଇଜଙ୍ଗ ଦଣ୍ଡାଠାରେ ଉକ୍ତ କୋଚିଂ ସେଣ୍ଟରର ଅଭିଯୁକ୍ତ ଶିକ୍ଷକ ତାଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଏହାଦେଖି ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଛନ୍ତି। ଖବର ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ତଦନ୍ତ ଜାରିରହିଛି ବୋଲି ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡା କହିଛନ୍ତି।

## ଜେଲ୍ ଗଲେ ମହିଳା, ସ୍ୱାମୀ, ଶ୍ୱଶୁର

**ଯୁବକଙ୍କୁ ପୋଡି ମାରିବା ଘଟଣା**

ନିଆଳି, ୨୨।୩(ଡି.ଏନ.ଏ.)

ନିଆଳି ଥାନା ଅନ୍ତର୍ଗତ ମହତାପାରୀ ଗ୍ରାମର କାହ୍ନୁ ବେହେରା(୨୨)ଙ୍କୁ ପୋଡି ମାରିଦେବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ସରିତା ଭୋଇ, ତାଙ୍କ ସ୍ୱାମୀ ନାଲୁଆ ଭୋଇ ଓ ଶ୍ୱଶୁର କାହ୍ନୁ ଭୋଇ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଛି। ତାଙ୍କ ସହ ୨ ବର୍ଷ ଶିଶୁକନ୍ୟା ଯାଇଛନ୍ତି। ଆଇଆଇସି ବିଜୟ କୁମାର ମଲ୍ଲିକଙ୍କ କହିବାନୁଯାୟୀ, ଗତ ୧୬ ତାରିଖ ରାତିରେ କାହ୍ନୁ ବେହେରାଙ୍କ ଘରକୁ କୌଣସି କାମରେ ସରିତା ଆସିଥିଲେ। ହେଲେ ନାଲୁଆ ସରିତାଙ୍କୁ ଖୋଜି ନ ପାଇବାରୁ କାହ୍ନୁଙ୍କ ଘରକୁ ଆସିଥିଲେ। ସେଠାରେ କାହ୍ନୁଙ୍କ ସହିତ ସରିତା କଥା ହେଉଥିବା ଦେଖି ନାଲୁଆ ଉତ୍‌କ୍ଷୀପ୍ତ ହୋଇପଡିଥିଲେ। ସେଠାରେ କାହ୍ନୁଙ୍କୁ ମାଡ ମାରିବାରୁ ସେ ଅଚେତ ହୋଇପଡିଥିଲେ। ପରେ ତାଙ୍କୁ ଘରଠାରୁ କିଛି ଦୂରକୁ ଘୋଷାରି ନେଇ ନିଆଁ ଲଗାଇ ଦେଇଥିଲେ। ଏହାପରେ ଅଭିଯୁକ୍ତମାନେ କାହ୍ନୁ ପୋଡ଼ି ଯାଇଥିବା ନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗୁରୁତର ଅବସ୍ଥାରେ କାହ୍ନୁଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ୧୭ ତାରିଖ ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ମେଡିକାଲରେ ବ୍ୟବଚ୍ଛେଦ ପରେ ମୃତଦେହ ସଂସ୍କାର କରାଯାଇଥିଲା। କାହ୍ନୁଙ୍କ ମୋବାଇଲ୍ ଫୋନ୍‌କୁ ଘଟଣାଦିନ ବିଳମ୍ବିତ ରାତିରେ ଅନ୍ୟଏକ ମୋବାଇଲ୍ ଫୋନ୍‌ରୁ ୨ଟି କଲ୍ ଆସିଥିଲା ଓ ଏହାର ଭଏସ୍ ରେକର୍ଡିଂ ଥିବା ଜଣାପଡିଥିଲା। ଉକ୍ତ ଭଏସ୍ କଲ୍ ମହିଳାଙ୍କର ହୋଇଥିବାବେଳେ, କାହ୍ନୁ ଶୋଇଥିବା ଘରେ ରକ୍ତଛିଟା, ଭଙ୍ଗାଚୁଡି ଓ ଏକ ଛୁରି ପଡିଥିବା ତାଙ୍କ ମାଆ ପ୍ରଫୁଲ୍ଲୀ ବେହେରା ଜାଣିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଦଫା ୩୦୨ ଅନୁଯାୟୀ ହତ୍ୟା ମାମଲା(ନଂ.୭୪/୨୧) ରୁଜୁକରିଥିଲା।

## ଏପ୍ରିଲ ୨୮ରେ ବଇଁଚୁଆ ସରପଞ୍ଚ ଉପନିର୍ବାଚନ

ବାଲିଅନ୍ତା, ୨୨।୩(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ପଞ୍ଚାୟତର ଖାଲି ପଡ଼ିଥିବା ସରପଞ୍ଚ ପଦ ପାଇଁ ଏପ୍ରିଲ ୨୮ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟ ନିର୍ବାଚନ କମିଶନ ସୋମବାର ଏହି ତାରିଖ ଘୋଷଣା କରିଛନ୍ତି। ଏଥିସହିତ ବଇଁଚୁଆ ପଞ୍ଚାୟତରେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଛି। ଏପ୍ରିଲ ୨୯ତାରିଖରେ ଭୋଟ ଗଣତି ହେବ ଓ ୩୦ତାରିଖରେ ସରକାରୀ ଭାବେ ଫଳାଫଳ ଘୋଷଣା କରାଯିବ। ଚଳିତମାସ ୩୦, ୩୧ ଓ ଏପ୍ରିଲ ୫ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ଉକ୍ତ ଦିନ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରିପାରିବେ। ଏପ୍ରିଲ ୬ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ, ୭ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୯ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ବିଡିଓ ଆଦିକନ୍ଦ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବଇଁଚୁଆ ପଞ୍ଚାୟତର ସରପଞ୍ଚ ବିଜୟ କୁମାର ସାହୁଙ୍କ ଗତ ଅକ୍ଟୋବର ୧୧ତାରିଖରେ ମୃତ୍ୟୁ ହେବା ପରେ ଏହି ପଦବୀ ଖାଲି ପଡ଼ିରହିଛି।

# ଓଡ଼ିଶା ମୋ ପାଇଁ ପୁଣ୍ୟଭୂମି

କଟକ ଅଫିସ, ୨୨।୩



ଦରଘାବଜାରସ୍ଥିତ ଜେଲ୍ ପଡିଆରେ ଗାନ୍ଧୀଙ୍କ ବ୍ୟବହୃତ ସାମଗ୍ରୀ, ଫଟୋଚିତ୍ର ପ୍ରଦର୍ଶନକୁ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

ମହାତ୍ମା ଗାନ୍ଧୀଙ୍କ କଟକ ଆଗମନର ଶତବାର୍ଷିକୀ ସମାରୋହ ଉପଲକ୍ଷେ ଦରଘାବଜାରସ୍ଥିତ ଜେଲ ପଡିଆଠାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଗାନ୍ଧୀ ଚିତ୍ର ପ୍ରଦର୍ଶନୀ ଏବଂ ରାଜ୍ୟସ୍ତରୀୟ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଅଧକ୍ଷ ରାମଚନ୍ଦ୍ର ରାହୀ ଯୋଗଦେଇ କହିଥିଲେ, ଓଡ଼ିଶା ମୋ ପାଇଁ ପୂଣ୍ୟଭୂମି। ଓଡ଼ିଶାର ସେବା କଲେ ଭାରତର ସେବା କଲା ଭଳି ମନେହୁଏ। ଏଥିରେ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡ. ବିଶ୍ୱଜିତ ଅଧକ୍ଷତା କରିଥିଲେ। ଜାତୀୟ ଗାନ୍ଧୀ ସଂଗ୍ରହାଳୟର ନିର୍ଦ୍ଦେଶକ ଆନ୍ନା ମଲାଇ କାର୍ଯ୍ୟକ୍ରମରେ କହିଥିଲେ, ଦଳୀୟ ରାଜନୀତି ଓ କର୍ପୋରେଟ୍ ବ୍ୟବସ୍ଥା ଭାରତକୁ ଗାନ୍ଧୀଜୀଙ୍କ ନୀତ ଠାରୁ ଦୂରେଇ ନେବାରେ ଲାଗିଛି । ଗାନ୍ଧୀ ଚିତ୍ର ପ୍ରଦର୍ଶନୀକୁ ଉତ୍କଳ ଗାନ୍ଧୀ ସ୍ମାରକ ସଭାନେତ୍ରୀ କୃଷ୍ଣା ମହାନ୍ତି ଉଦ୍‌ଘାଟନ କରିଥିବାବେଳେ ବିଧାୟକ ମହମ୍ମଦ ମୋକିମ, ଏମ୍‌ପି ଭର୍ତ୍ତୃହରି ମହତାବ, ଗାୟତ୍ରୀ ଦାସ, ବିଶିଷ୍ଟ ସର୍ବୋଦୟ ନେତା ନିଶାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୨୮ ତାରିଖ ଯାଏ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ଗାନ୍ଧିଜୀଙ୍କ କଟକ କାଠଯୋଡି ବାଲି ସଭା, କଟକରେ ବ୍ୟବହୃତ ଚେୟାର, ତାଙ୍କର ନିତ୍ୟ ବ୍ୟବହୃତ ସାମଗ୍ରୀ, ଚିଠିପତ୍ର ଆଦି ସାମିଲ କରାଯାଇଛି।

## ୫.୫ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ସେକେଣ୍ଡ ହ୍ୟାଣ୍ଡ୍ ବସ୍ କିଣାଇ ଦେବାକୁ କହି ପ୍ରକାଶ ନାମକ ଜଣେ ବ୍ୟକ୍ତିଙ୍କଠାରୁ ସାଢେ ୫ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସୈଳେନ କୁମାର ବିଶୋଇ। ପୋଲିସ ତାଙ୍କ ନିକଟରୁ ୨୦ହଜାର ଟଙ୍କା ଜବତ କରିଛି। ଏନେଇ ମାମଲା ନଂ ୧୧୮/୨୧ ରୁଜୁ କରି ଅଧିକ ତଦନ୍ତ ଚଳାଇଛି ପୋଲିସ। ୨୦୧୮ରୁ ସୈଳେନ ଟଙ୍କା ନେଇ ଦିନ ଗଡ଼ାଇବା ସହ ଧମକ ଦେଇ ଆସୁଥିବା ନେଇ ଗତ ଫେବୃଆରୀ ୨୩ରେ ମଞ୍ଚେଶ୍ୱର ଥାନାର ଲିଖିତ ଅଭିଯୋଗ କରିଥିଲେ ପ୍ରକାଶ।

# ବଜାର ହାଟରେ ହାଉଯାଉ

## କଟକ ପରେ ଭୁବନେଶ୍ୱରରେ ବଢ଼ିଲା ସଂକ୍ରମଣ

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

ଯାହା ଆଶଙ୍କା କରାଯାଉଥିଲା, ଶେଷରେ ସେୟା ହେଲା। ପୁଣି ବଢ଼ିଲା ସଂକ୍ରମଣ। କଟକ ପରେ ଏବେ ଭୁବନେଶ୍ୱରରେ କରୋନା ମହାମାରୀ ପୁଣି ଉଗ୍ର ହୋଇଉଠୁଥିବାବେଳେ ଇତିମଧ୍ୟରେ ଶତାଧିକ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଗତ ୪ଦିନ ଭିତରେ ସହରରେ ସଂକ୍ରମଣ ହଠାତ୍ ବୃଦ୍ଧି ପାଇବା ପରେ ପ୍ରଶାସନର ଚିନ୍ତା ବଢ଼ିଛି। ଭୁବନେଶ୍ୱରସ୍ଥିତ ଜାଭିଅର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଏକ୍ସଆଇଏମ୍ବି) କ୍ୟାମ୍ପସ୍‌ରୁ ୪୫ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାରୁ ଏବେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏପଟେ ମନ୍ଦିରକୁ ମଧ୍ୟ ସଂକ୍ରମଣ ପଶିଲାଣି। ପ୍ରଶାସନ କଟକଣା ଓ ସତର୍କ ସୂଚନା ଜାରି କରି ଚୁପ୍ ବସୁଥିବାରୁ ଲୋକେ କିଛି ବି ମାନୁ ନାହାନ୍ତି। ହାଟ ବଜାରରେ ହାଉଯାଉ ଭିଡ଼। ସାମାଜିକ ଦୂରତ୍ୱ କଥା ଦୂରେ ଥାଉ, ପାଦ ପକାଇବାକୁ ମଧ୍ୟ ଜାଗା ମିଳୁନି। ହସ୍ପିଟାଲର ସ୍ଥିତି ନ କହିଲେ ଭଲ। କାହା ମୁହଁରେ ମାସ୍କ ନାହିଁ ତ ଆଉ କିଏ ମାସ୍କକୁ କାନରେ ଝୁଲାଇ ଭିଡ଼ରେ ଭିଡି ହେଉଥିବା ଦେଖିବାକୁ ମିଳୁଛି। ଏହି ଢ଼ିଲା କଟକଣା ଓ ନିଷ୍କ୍ରିୟ ଗାଇଡ୍‌ଲାଇନ୍ ଏବେ ସଂକ୍ରମଣ ବୃଦ୍ଧିକୁ ସୁଯୋଗ ଦେଉଥିବା ବାରିହୋଇପଡୁଛି। ସ୍ଥିତି ବିଗୁଡୁଥିବାବେଳେ ଭୁବନେଶ୍ୱର ମହାନଗର ନିଗମର ଚେତା ପଶିଛି।



ଏପଟେ କରୋନା ଲଢ଼େଇରେ ସାବାସି ନେଇଥିବା କମିଶନରେଟ ପୋଲିସ ମଧ୍ୟ ସେପରି କଡ଼ା ଆଭିମୁଖ୍ୟ ଗ୍ରହଣ କରୁ ନ ଥିବାରୁ ଏହା ମଧ୍ୟ ସଂକ୍ରମଣକୁ ସୁହାଉଥିବା କୁହାଯାଉଛି। ପୋଲିସର ନିଦ ଭାଙ୍ଗିବା ବେଳକୁ ସହରକୁ କରୋନା ପୁଣି ଗିଳି ସାରିଥିବ ବୋଲି ବର୍ତ୍ତମାନର ସ୍ଥିତିରୁ ଜଣାପଡୁଛି।

### ସେବାୟତଙ୍କ ସମେତ ପରିବାରର ୪ ପଜିଟିଭ୍

ଲିଙ୍ଗରାଜ ମନ୍ଦିରର ଜଣେ ସେବାୟତ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ତାଙ୍କ ପରିବାରର ଅନ୍ୟ ୩ଜଣ ମଧ୍ୟ ସଂକ୍ରମିତ ହୋଇଥିବା ଜଣାପଡିଛି। ସଂକ୍ରମିତଙ୍କୁ ସଙ୍ଗରୋଧରେ ରଖାଯିବା ସହ କଣ୍ଟାକ୍ଟ ଟ୍ରେସିଂ ଚାଲିଛି। କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ମନ୍ଦିରରେ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ତେବେ ମନ୍ଦିରରେ ଆଉ କେଉଁମାନେ ସଂକ୍ରମିତ ହୋଇଛନ୍ତି ତା'ର ମଧ୍ୟ ଅନୁଧ୍ୟାନ କରାଯାଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଟେଷ୍ଟିଂ, ଟ୍ରେସିଂକୁ ଗୁରୁତ୍ୱ ଦିଆଯିବ : ବିଏମ୍‌ସି କମିଶନର

ଭୁବନେଶ୍ୱରରେ କରୋନା ସଂକ୍ରମଣ ବଢୁଥିବାରୁ ଟେଷ୍ଟିଂ, ଟ୍ରେସିଂ ଓ ଆଇସୋଲେଶନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଏ ନେଇ ସୂଚନା ଦେଇ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ଭୁବନେଶ୍ୱରରେ ଗତ ୫ରୁ ୭ ଦିନ ହେବ ସଂକ୍ରମଣ ବଢି ବଢି ଚାଲିଛି। ତେଣୁ ଏବେ ପୁଣିଥରେ କଟକଣାକୁ କଡ଼ାକଡ଼ି କରାଯିବ। ବିଶେଷକରି ସାମାଜିକ ଦୂରତା, ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦିଆଯିବ। ଏହାଛଡ଼ା ରେଲୱେ ଷ୍ଟେଶନ ଓ ବିମାନ ବନ୍ଦରରେ ଟେଷ୍ଟିଂକୁ ଜୋର୍‌ଦାର କରାଯିବ। ଆର୍‌ଟିପିସିଆର୍ ଟେଷ୍ଟିଂ ସଂଖ୍ୟା ବଢ଼ାଯିବ ବୋଲି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

## ଦୋଳ, ହୋଲି ପାଇଁ ନୂଆ ଗାଇଡ୍‌ଲାଇନ

ସୋମବାର ବିଏମ୍‌ସି ଦୋଳ ଓ ହୋଲି ପାଇଁ ନୂଆ ଗାଇଡ଼ଲାଇନ୍ ଜାରି କରିଛି। ମେଳଣ ଯାତ୍ରାବେଳେ ବିମାନ ସହ ସର୍ବାଧିକ ୬ଜଣଙ୍କୁ ଅନୁମତି ରହିଛି। ତେବେ ମେଳଣ ସମୟରେ ଜନସାଧାରଣଙ୍କୁ ଆକୃଷ୍ଟ କଲା ଭଳି କୌଣସି ଶୋଭାଯାତ୍ରା, ବାଜା, ଘଣ୍ଟ ବଜାଯାଇ ପାରିବ ନାହିଁ। ବିମାନ କାନ୍ଧଉଥିବା ବ୍ୟକ୍ତି ଜଣକ ମୁହଁରେ ମାସ୍କ ପିନ୍ଧିଥିବା ଜରୁରୀ। ଦୋଳ ମେଳଣ ପଡ଼ିଆରେ ୫୦ରୁ ୬୦ଜଣ ଲୋକଙ୍କୁ ରହିବା ପାଇଁ ଅନୁମତି ଦେବା ପାଇଁ ଆୟୋଜକଙ୍କୁ ନିର୍ଦ୍ଦେଶ ଦେଇଛି ବିଏମ୍‌ସି। ଏହାସହ ମେଳଣ ପଡ଼ିଆ ଭିତରେ ସାମାଜିକ ଦୂରତା, ମାସ୍କ ପିନ୍ଧିବା ସହ ସମସ୍ତ କୋଭିଡ୍ କଟକଣା ମାନିବାକୁ କୁହାଯାଇଛି। ଯାତ୍ରା, ଅର୍କେଷ୍ଟ୍ରା, ମିନା ବଜାର ଆଦି ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଦୋଳ ମେଳଣର ପାଇଁ ଆୟୋଜକଙ୍କୁ ବିଏମ୍‌ସିର ଅନୁମତି ନେବାକୁ ପଡ଼ିବ ବୋଲି ଗାଇଡ଼ଲାଇନ୍‌ରେ ରହିଛି।

## ଦିଲ୍ଲୀ ଫେରିଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୨।୩(ବ୍ୟୁରୋ)



ଭୁବନେଶ୍ୱର ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏବଂ ପୋଲିସ ଡିଜି ଅଭୟ ରାଷ୍ଟ୍ରପତିଙ୍କୁ ବିଦାୟ ଦେଉଛନ୍ତି।

ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ତାଙ୍କ ୩ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଶେଷକରି ଦିଲ୍ଲୀ ଫେରି ଯାଇଛନ୍ତି। ରାଷ୍ଟ୍ରପତି ପୂର୍ବାହ୍ନରେ ପୁରୀ ଗସ୍ତ କରି ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ। ଏହାପରେ ସେଠାରୁ ବାହାରି ସେ କୋଣାର୍କ ଅଭିମୁଖେ ଯାଇଥିଲେ। ସେଠାରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସର ବୁଲିବା ସମୟରେ ଏଏସ୍‌ଆଇ ଅଧିକାରୀ ଏଠାକାର ଐତିହ୍ୟ ଓ ଭାସ୍କର୍ଯ୍ୟ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ଅପରାହ୍ନ ସାଢ଼େ ୪ଟାରେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନବନ୍ଦର ଆସି ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଫେରିଯାଇଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏବଂ ପୋଲିସ ଡିଜି ଅଭୟ ରାଷ୍ଟ୍ରପତିଙ୍କୁ ବିମାନବନ୍ଦରରେ ବିଦାୟୀ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ସଂକ୍ଷେପରେ

### ଶିଳ୍ପ ବିଭାଗ ଅତିରିକ୍ତ ସଚିବଙ୍କ ଦୁର୍ଘଟଣାରେ ମୃତ୍ୟୁ

ଭୁବନେଶ୍ୱର,୨୨।୩(ବ୍ୟୁରୋ): ବରିଷ୍ଠ ଓଏଏସ୍ ଅଫିସର ତଥା ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ସଚିବ ବସନ୍ତ ଦାସ (୫୯)ଙ୍କ ଦୁର୍ଘଟଣାରେ ସୋମବାର ମୃତ୍ୟୁ ଘଟିଛି। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ କାର୍‌ରେ କଟକରୁ ଭୁବନେଶ୍ୱର ଫେରୁଥିଲେ। କୁଆଖାଇ ସେତୁ ଉପରେ ତାଙ୍କ କାର୍ ସହ ଏକ ଟ୍ରକ୍ ଧକ୍କା ହୋଇଥିଲା। ଏଥିରେ କାର୍‌ଟି ଭାଙ୍ଗିରୁଜି ଯାଇଥିବାବେଳେ ଭିତରେ ରହିଯାଇଥିବା ବସନ୍ତଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମଞ୍ଚେଶ୍ୱର ଥାନା ପୋଲିସ ଏକ ମାମଲା(ନଂ. ୯୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ବସନ୍ତ ମୃତକ ହେଲେ ବସନ୍ତ ଦାସ(୫୯)। ସେ ୟୁନିଟ-୯ସ୍ଥିତ ସରକାରୀ କ୍ୱାର୍ଟସରେ ପରିବାର ସହ ରହୁଥିଲେ।

### ଗଣବଳାତ୍କାର ମାମଲା: ପୀଡ଼ିତାଙ୍କ କୋର୍ଟରେ ବୟାନ ରେକର୍ଡ

ଭୁବନେଶ୍ୱର,୨୨।୩(ବ୍ୟୁରୋ): ଲକ୍ଷ୍ମୀସାଗର ଥାନାଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ତଦନ୍ତ ଚଳାଇଥିଲେ ମଧ କାହାକୁ ଗିରଫ କରିପାରିନି। ସୋମବାର କୋର୍ଟରେ ପୀଡ଼ିତାଙ୍କର ବୟାନ ରେକର୍ଡ ହୋଇଛି। କେଉଁ ପରିସ୍ଥିତିରେ ସେ ଗଣବଳାତ୍କାରର ଶିକାର ହେଲେ ଓ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ କାହାକୁ ଚିହ୍ନିଛନ୍ତି ସେ ସମ୍ପର୍କରେ ପୀଡ଼ିତା କୋର୍ଟ ଆଗରେ ବଖାଣିଛନ୍ତି। ତେବେ କୋର୍ଟ ଓ ଥାନାରେ ହୋଇଥିବା ବୟାନ ରେକର୍ଡ ମଧ୍ୟରେ ତାଳମେଳ ରହୁ ନ ଥିବା ପୋଲିସ କହିଛି। ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ଉମାଶଙ୍କର ଦାସ କହିଛନ୍ତି।

### ରମାଦେବୀ ଛାତ୍ରୀଙ୍କୁ ଅପହରଣ

ଭୁବନେଶ୍ୱର,୨୨।୩(ବ୍ୟୁରୋ): ଭରତପୁର ଥାନା ଅନ୍ତର୍ଗତ ଜଗନ୍ନାଥ ବିହାରରେ ରହୁଥିବା ରମାଦେବୀ ବିଶ୍ୱବିଦ୍ୟାଳୟର ଜଣେ ଯୁକ୍ତ୩ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ଅପହରଣ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ପରେ ଭରତପୁର ଥାନା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଆମେ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଜାରି ରଖିଛୁ। ଛାତ୍ରୀଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିବାକୁ ଚେଷ୍ଟା ଚଳାଇଛୁ।

## ଓଏପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୨।୩(ବ୍ୟୁରୋ): ଓଡ଼ିଶା ସଶସ୍ତ୍ର ପୋଲିସ ସେବା(ଓଏପିଏସ୍) ସ୍ତରରେ ବଡ଼ଧରଣର ଅଦଳବଦଳ ହୋଇଛି। ସୋମବାର ବଦଳି କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଦେବଗଡ଼ ଏସ୍‌ଏସ୍ ବାଟାଲିୟନରେ କାର୍ଯ୍ୟରତ ଡେପୁଟି କମାଣ୍ଡାଣ୍ଟ ବସନ୍ତ କୁମାର ନାଏକଙ୍କର ଦେବଗଡ଼ର ଆଇଆର୍ ବାଟାଲିୟନକୁ ବଦଳି ହୋଇଛି। ସମ୍ବଲପୁରରେ କାର୍ଯ୍ୟରତ ଚମାର ଭୋଇଙ୍କର ଅନୁଗୋଳ ପିଟିସି, ସମ୍ବଲପୁର ଏସ୍‌ଏସ୍ ବାଟାଲିୟନର ପତର ସୋରେଙ୍ଗଙ୍କୁ କଳାହାଣ୍ଡି ଏସ୍‌ଆଇଆର ବାଟାଲିୟନ, ଅନୁଗୋଳ ଏସ୍‌ଏସ୍ ବାଟାଲିୟନର ସୋମନାଥ ସେଠୀଙ୍କୁ ଯାଜପୁର କଳିଙ୍ଗନଗର ଆର୍‌ଆର୍ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ଭାବେ ବଦଳି ହୋଇଛି। ସେହିପରି ରାଉରକେଲା ଏସ୍‌ଏସ୍ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ଜ୍ୟୋତିରାମ ନାଏକଙ୍କୁ ମାଲକାନଗିରି ଏସ୍‌ଏସ୍ ବାଟାଲିୟନ, କେନ୍ଦୁଝର ଏସ୍‌ଏସ୍ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ କମରଧ୍ୱଜ ନାଏକଙ୍କୁ କୋରାପୁଟ ଆଇଆର ବାଟାଲିୟନ, ଭୁବନେଶ୍ୱର ଚନ୍ଦକା ଏସ୍‌ଓଜିର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦେବେଶ ରଞ୍ଜନ ପ୍ରଧାନଙ୍କୁ ଭୁବନେଶ୍ୱର ପିଏସ୍‌ଏପି ସେଣ୍ଟର, ରାଉରକେଲା ଓଏସ୍‌ଏପି ଚତୁର୍ଥ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦୀପକ ନାୟକ ଓ ଦେବଗଡ଼ ଚତୁର୍ଥ ଆଇଆର୍ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିକାଶ ଚନ୍ଦ୍ର ହେମ୍ବ୍ରମଙ୍କୁ ଭୁବନେଶ୍ୱର ପିଏସ୍‌ଏପି ସେଣ୍ଟରକୁ ବଦଳି ହୋଇଛି।

## ୧୦ଦିନ ବନ୍ଦଘରେ ସ୍ତ୍ରୀଙ୍କୁ ଅକଥନୀୟ ନିର୍ଯାତନା

ଭୁବନେଶ୍ୱର, ୨୨।୩(ବ୍ୟୁରୋ)




**ଦେହ ବ୍ୟବସାୟ କରିବାକୁ ମନା କରିବାରୁ...**

- ୭ବର୍ଷ ହେବ ସ୍ତ୍ରୀଙ୍କୁ ଦେହ ବ୍ୟବସାୟରେ ଲଗାଇଥିଲେ ସ୍ୱାମୀ
- ଭଉଣୀ ଭାଇଙ୍କ ସହ ମିଶି ସେକ୍ସ ର୍ୟାକେଟ୍ ଚଳାଇଥିଲେ
- ଲୁହା ରଡ୍‌ରେ ମାଡ଼, ଉଦ୍ଧାର କଲା ଚନ୍ଦ୍ରଶେଖରପୁର ପୋଲିସ

ଭଉଣୀ ଓ ଭାଇଙ୍କ ସହ ମିଶି ସ୍ୱାମୀ ସେକ୍ସ ର୍ୟାକେଟ ଚଳାଇଥିଲେ। ନିଜ ସ୍ତ୍ରୀଙ୍କୁ ଜୋର୍ ଜବରଦସ୍ତ ପରପୁରୁଷଙ୍କୁ ସମର୍ପି ଦେଉଥିଲେ। ପ୍ରତିବାଦ କଲେ ଆରମ୍ଭ ହେଉଥିଲା ଅତ୍ୟାଚାର। ଖଟରେ ହାତଗୋଡ଼ ବାନ୍ଧି ଯୌନ ଶୋଷ ମେଣ୍ଟାଉଥିଲେ ଦେହଭକ୍ଷୀ ରାକ୍ଷସମାନେ। ଶେଷରେ ଅସହ୍ୟ ହେବାରୁ ମହିଳା ଜଣକ ପ୍ରତିବାଦ କରିଥିଲେ। ଫଳରେ ଗତ ୧୦ ଦିନଧରି ସ୍ୱାମୀ ଓ ତାଙ୍କ ଭାଉଣୀଭାଇ ଏକ ଘରେ ତାଲା ପକାଇ ଅକଥନୀୟ ନିର୍ଯାତନା ଦେଉଥିଲେ। ସ୍ୱାମୀ ରାତିରେ ମଦପିଇ ଆସି ତାଙ୍କ ସମ୍ବେଦନଶୀଳ ଅଙ୍ଗରେ ମଦ ବୋତଲ ପୂରାଇଥିଲେ। ଲୁହା ରଡ୍‌ରେ ପିଟୁଥିଲେ। ଅଚେତ ଅବସ୍ଥାରେ ବି ତାଙ୍କ ସହ ଯୌନ ସମ୍ପର୍କ ରଖୁଥିଲେ। ଜଣେ ମହିଳାଙ୍କୁ ଘର ଭିତରେ ବନ୍ଦ କରି ଏଭଳି ଅକଥନୀୟ ଅତ୍ୟାଚାର ଦିଆଯାଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଚନ୍ଦ୍ରଶେଖରପୁର ପୋଲିସ ଉକ୍ତ ଘରେ ଚଢ଼ାଉ କରି ତାଙ୍କୁ ଉଦ୍ଧାର କରିଛି। ତାଙ୍କ ଜଙ୍ଘ, ହାତ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ମାଡ଼ ଚିହ୍ନ ରହିଥିବାବେଳେ ସେ ଗୁରୁତର ଅସୁସ୍ଥ ଥିଲେ। ଉଦ୍ଧାର ପରେ ପୋଲିସ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଛି। ତେବେ ପଚରାଉଚରାବେଳେ ମହିଳାଜଣକ ସ୍ୱାମୀଙ୍କ ଏପରି ଅମାନୁଷିକ କାଣ୍ଡ ଓ କଳାକାର୍‌ନାମା ସମ୍ପର୍କରେ ପୋଲିସକୁ କହିଛନ୍ତି। ଏନେଇ ନଂ.୧୬୦/୨୧ରେ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଥାନାଧିକାରୀ ଯୁବରାଜ ସ୍ୱାଇଁ କହିଛନ୍ତି।

ପୋଲିସ ନିକଟରେ ମହିଳା ଜଣକ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଘର ଫୁଲବାଣୀ ଜିଲା ତୁମୁଡି ବନ୍ଧ ଅଞ୍ଚଳରେ। ୧୦ବର୍ଷ ପୂର୍ବେ ଚନ୍ଦ୍ରଶେଖରପୁର ଅଞ୍ଚଳକୁ କାମ କରିବା ପାଇଁ ଆସିଥିବାବେଳେ ଏହି ଥାନା ଅନ୍ତର୍ଗତ ପଦ୍ମାବତୀ ବିହାର ଅଞ୍ଚଳରେ ଅଟୋ ଚଳାଉଥିବା କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଅଞ୍ଚଳର ଚନ୍ଦନ ନାମକ ଜଣେ ବ୍ୟକ୍ତି ପ୍ରେମ ଜାଲରେ ଫସାଇ ବିବାହ କରିଥିଲେ। ଉଭୟଙ୍କର ୫ବର୍ଷର ଜଣେ ଝିଅ ମଧ୍ୟ ଅଛି। ହେଲେ ବିବାହ ପରଠୁ ସ୍ୱାମୀ ତାଙ୍କୁ ଦେହ ବ୍ୟବସାୟରେ ଲଗାଇଥିଲେ। ଗତ ୭ବର୍ଷ ଧରି ଏକ ଘରେ ରଖି ଟଙ୍କା ପାଇଁ ପରପୁରୁଷଙ୍କ ସହ ଦୈହିକ ସମ୍ପର୍କ ରଖାଉଥିଲେ। ଏଥିସହିତ ବାହାରୁ ଦେହଜୀବୀଙ୍କୁ ଆଣି ଘରେ ସେକ୍ସ ର୍ୟାକେଟ ଚଳାଇଥିଲେ। ବିରୋଧ କଲେ ମାଡ଼ ମରାଯିବା ସହ ମାରିଦେବାକୁ ଧମକ ଦିଆଯାଥ ପର ପୁରୁଷଙ୍କ ସହ ସମ୍ପର୍କ ରଖିବାକୁ ବାଧ କରାଯାଉଥିଲା। ଶେଷରେ ୧୦ଦିନ ତଳେ ତାଙ୍କୁ ଘରେ ତାଲା ପକାଇ ଯୌନଶୋଷଣ କରାଯାଉଥିଲା। ସେ ଅଚେତ ଅବସ୍ଥାରେ ପଡିଥିବାବେଳେ ସ୍ୱାମୀ ଟଙ୍କା ନେଇ ପରପୁରୁଷଙ୍କୁ ଆଣି ଶାରୀରିକ ସମ୍ପର୍କ ରଖାଉଥିବା ନେଇ ମହିଳା ଜଣକ ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ମହିଳାଙ୍କ ଶିଶୁକନ୍ୟାଙ୍କୁ ମଧ୍ୟ ପୋଲିସ ଉଦ୍ଧାର କରିଥିବା ସୂଚନା ମିଳିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସସ୍ମିତା



@ ଅଲେଖରଞ୍ଜନ



@ ବିଦ୍ୟାଧର



@ ବିଶ୍ୱ



@ ଉମା



@ ଗୌରାଙ୍ଗ



@ ଦେବାଶିଷ

## 'ମେଲୋଡ୍ ୱିଥ୍ ଇୟର୍ସ'କବିତା ସଂକଳନ ଉନ୍ମୋଚିତ

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

ବିଶ୍ୱ କବିତା ଦିବସ ଉପଲକ୍ଷେ ପ୍ରତିଷ୍ଠିତ ଲେଖକ ତଥା କବି ଡ.ଦେବାଶିଷ ପାଣିଗ୍ରାହୀଙ୍କ ଲିଖିତ 'ମେଲୋଡ୍ ୱିଥ୍ ଇୟର୍ସ' କବିତା ସଂକଳନ ରବିବାର ଭୁବନେଶ୍ୱରସ୍ଥିତ ଅକ୍ସଫୋର୍ଡ ବୁକ ଷ୍ଟୋରରେ ଉନ୍ମୋଚିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରତିଷ୍ଠିତ ଫିଲ୍ମ ପ୍ରଯୋଜକ ବସନ୍ତ ସାହୁଙ୍କ ଦ୍ୱାରା କବିତାର ଅଡିଓ ଦୃଶ୍ୟସ୍ରାବ୍ୟ ପ୍ରଦର୍ଶିତ ହୋଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଥାକାର ଡ.ରାମ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଖ୍ୟାତିସମ୍ପନ୍ନ ଇଂଲିଶ କବି ବିଭୁ ପାଢୀ ଏଥିରେ ଅଧକ୍ଷତା କରିଥିଲେ। କବି ସଂଗ୍ରାମ ଜେନା, ସମୀକ୍ଷକ ଓ ଅନୁବାଦକ ଲିପିପୁଷ୍ପା ନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ମୁଖ୍ୟ ଅସୀମ ରଞ୍ଜନ ପାଢୀ କବିତାଗୁଡିକର ସମୀକ୍ଷା କରିବା ସହ ଭୂୟସୀ ପ୍ରଶଂସା କରିଥିଲେ। କବି ଜୟନ୍ତ ମହାପାତ୍ର ଏହାର ମୁଖବନ୍ଧ ଲେଖିଛନ୍ତି। 'ମେଲୋଡ୍ ୱିଥ୍ ଇୟର୍ସ'ରେ କବି ଦେବାଶିଷ ମଣିଷ ଜୀବନ ଓ ସମୟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। କରୋନା ସମୟରେ ଘଟିଥିବା କେତେକ ଘଟଣା ଏଥିରେ ବର୍ଣ୍ଣନା କରାଯାଇଛି। ଦେବାଶିଷ ବର୍ତ୍ତମାନ ଓଡିଶା ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି।




ଦେବାଶିଷ ପାଣିଗ୍ରାହୀଙ୍କ କବିତା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

କାକଟପୁର, (ଡି.ଏନ୍.ଏ.)- କାକଟପୁର ବ୍ଲକ କଣ୍ଢାପଡ଼ା ପଞ୍ଚାୟତର ବଲରା ଓ ଅସ୍ତରଙ୍ଗ ବ୍ଲକର ଡମଶୁଣି ଗ୍ରାମରେ ସୋମବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ପୁରୀ ଜିଲା ନବଗଠିତ ପାଣି ସଂଗଠନ ତରଫରୁ ବଲରାରେ ସରପଞ୍ଚ ଗଗନ ଦାସଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ବୈଠକକୁ ସଂଯୋଜକ ଭ୍ରମର ରାଉତ ସଂଯୋଜନା କରିବା ସହ ଦୁଃଶାସନ ଭୋଇ, ସୁରେଶ ଭୋଇ, ମହିମା ବିଶ୍ୱାଳ ଯୋଗଦେଇ ଜଳର ସ୍ୱଚ୍ଛତା, ଜଳର ଅପବ୍ୟବହାର ରୋକିବାକୁ କହିଥିଲେ। ଏଥିସହ ଜଳ ଉତ୍ସଗୁଡ଼ିକୁ ଆବର୍ଜନାମୁକ୍ତ ରଖିବା ସହ ଜଳର ସୁପରିଚାଳନା ଉପରେ ବୁଝାଇଥିଲେ। ଅସ୍ତରଙ୍ଗର ଡମଶୁଣିଠାରେ ଆୟୋଜିତ ବୈଠକରେ ସାମାଜିକ କର୍ମୀ ଶଙ୍କର ପ୍ରସାଦ ସ୍ୱାଇଁ ଯୋଗଦେଇ ଜଳର ବ୍ୟବହାର, ପ୍ରଦୂଷଣ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଆଜି କ'ଣ କେଉଁଠି

**ପୁରୀ**

- ଶ୍ରୀକ୍ଷେତ୍ର ପ୍ରେସ୍ କ୍ଲବ ଓ ଭାରତୀୟ ରେଡକ୍ରସ ସୋସାଇଟି ପକ୍ଷରୁ ରକ୍ତଦାନ ଶିବିର, ୟୁଥ ହଷ୍ଟେଲ, ଅପରାହ୍ନ ୨ଟା।
- ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ବାଲୁକା କଳା ପ୍ରଦର୍ଶନୀ, ଲାଇଟ୍ ହାଉସ୍ସ୍ଥିତ ବେଳାଭୂମି, ଅପରାହ୍ନ ୪ଟା।

**ସାକ୍ଷୀଗୋପାଳ**

- ଅଷ୍ଟପ୍ରହର ନାମଯଜ୍ଞ, ଘସିଭବାନୀପୁର, ସକାଳ ୬ଟା।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨.୦୩.୨୦୨୧

| | |
|---|---|
| ୨,୨୪,୪୮୮ଟଙ୍କା | |
| ସୁନା | ୧୨୦ ମିଲି ଗ୍ରାମ |
| ରୁପା | ୧୩.୮୦୦ ଗ୍ରାମ |

## ସଂକ୍ଷେପରେ

### ବିଶ୍ୱ ବନ, ଜଳ ଦିବସ

ଡେଲାଙ୍ଗ,୨୨।୩(ଡି.ଏନ୍.ଏ.)- ଡେଲାଙ୍ଗ ଅଧୀନ ଗଡ଼ବେଗୁନିଆପଡ଼ାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ବନ ଓ ଜଳ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉମେଶଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ଅଭିମନ୍ୟୁ ସିଂହ, ରମାକାନ୍ତ ବେହେରା, ଦିନେଶ କୁମାର ବେହେରା, ଶରତଚନ୍ଦ୍ର ସିଂହ, କଳିଙ୍ଗ କେଶରୀ ମହାପାତ୍ର, ସାମାଜିକ କର୍ମୀ ଶାନ୍ତନୁ ରାୟ, ସ୍ୱେଚ୍ଛାସେବୀ ହେମନ୍ତ ବେହେରା, ପରିଚାଳନା କମିଟି ସଭାପତି ରବିନାରାୟଣ ଜେନା, ସଭ୍ୟା ମମତା ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶର ସୁରକ୍ଷା ପାଇଁ ଜଙ୍ଗଲ ସୁରକ୍ଷା, ଜଳର ଅପବ୍ୟବହାର ନ କରିବା, ଜଳ ସଂରକ୍ଷଣ ଓ ଜଳ ସମ୍ପଦର ସୁରକ୍ଷା କରିବା ପାଇଁ ପ୍ରତ୍ୟେକଙ୍କ ସହଯୋଗ ଆବଶ୍ୟକ ରହିଛି ବୋଲି ଅତିଥିମାନେ କହିଥିଲେ। ମୁଖ୍ୟମନ୍ତ୍ରୀ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା। ପ୍ରତ୍ୟେକେ ଗୋଟିଏ ଲେଖାଏ ଗଛ ଲଗାଇବାକୁ ଶପଥ ନେଇଥିଲେ। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ବରକେରାଠାରେ ବିଶ୍ୱ ବନ ଓ ଜଳ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ ସେଠୀଙ୍କ ସଭାପତିତ୍ୱରେ ଶିକ୍ଷକ ମିଟୁ କିଶୋର ପ୍ରଧାନ, ମଞ୍ଜୁଲତା ପ୍ରଧାନ, ପର୍ଶୁରାମ ସାହୁ, ବିରଞ୍ଚିନାରାୟଣ ବରାଳ, ସୁଧୀର ଜେନା ଓ ପରିଚାଳନା କମିଟି ସୁବାସଚନ୍ଦ୍ର ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା, ଅରଣ୍ୟ ଓ ଜଳ ସମ୍ପଦର ସୁରକ୍ଷା ଦିଗରେ ଅଲୋକପାତ କରିଥିଲେ।

### ଯୁବ ପ୍ରଶିକ୍ଷଣ ଶିବିର

ଅସ୍ତରଙ୍ଗ,୨୨।୩(ଡି.ଏନ୍.ଏ.)- ନେହେରୁ ଯୁବ କେନ୍ଦ୍ର ପୁରୀ ଜିଲା ପକ୍ଷରୁ ବ୍ଲକସ୍ତରୀୟ 'ସ୍ୱଚ୍ଛ ଗ୍ରାମ -ସବୁଜ ଗ୍ରାମ' ସମ୍ବନ୍ଧୀୟ ଯୁବ ପ୍ରଶିକ୍ଷଣ ଶିବିର ମହାଦେବସ୍ତ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ନବଜ୍ୟୋତି ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାଁ ପରିବେଶକୁ ସ୍ୱଚ୍ଛ ରଖିବା, ଚାରା ରୋପଣ, ପ୍ଲାଷ୍ଟିକ ବର୍ଜନ ବିଷୟରେ ଆଲୋଚନା ହୋଇଥିଲା। ପୁରୀ ଜିଲା ପରିଷଦର ଅଧକ୍ଷ ତଥା ନବଜ୍ୟୋତି ଯୁବକ ସଂଘର ସଭାପତି ଜ୍ୟୋତିର୍ମୟ ଦଳାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଏନ୍‌ୱାଇକେ ଓଡ଼ିଶା ଜୋନର ନିର୍ଦ୍ଦେଶକ ବିମଳ ପ୍ରତୀକ ସାହା, ସମ୍ମାନନୀୟ ଅତିଥି ଭାବେ ଜିଲା ଯୁବ ସମ୍ପାଦକ ଜୟଶଙ୍କର ଯୋଶୀ, ଅଧାପକ ସୁକାନ୍ତ ମହାନ୍ତି, ସାମାଜିକ କର୍ମୀ ହରିଶଚନ୍ଦ୍ର ଦାସ, ଆଇନଜୀବୀ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଯୁବପିଢ଼ିକୁ ଉତ୍ସାହିତ କରିଥିଲେ। ବରିଷ୍ଠ ଶିକ୍ଷକ ପଣ୍ଡିତ ନିହାରୀ ଗ୍ରହାଚାର୍ଯ୍ୟ ଉତ୍ସବକୁ ପରିଚାଳନା କରିଥିବା ବେଳେ ସଂଗଠନ ସମ୍ପାଦକ ସୂର୍ଯ୍ୟକାନ୍ତ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

### କ୍ୟାଣ୍ଡେଲ ଶୋଭାଯାତ୍ରା

କାକଟପୁର/ ଅସ୍ତରଙ୍ଗ,୨୨।୩(ଡି.ଏନ୍.ଏ.)- ଓଥକା ଶ୍ରୀରାମ ମନ୍ଦିର ସଭାପତି ତଥା ବ୍ୟବସାୟୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଏକାଦଶାହ ଉପଲକ୍ଷେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଓଥକା ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ଏହି ଶୋଭାଯାତ୍ରା ଓଥକା ଗ୍ରାମ ଓ ବଜାର ପରିକ୍ରମା କରାଯାଇ ପରେ ସ୍ମୃତି ସଭା ହୋଇଥିଲା। ସମସ୍ତଙ୍କ ହୃଦୟରେ ରମେଶ ବାବୁ ଏକ ସ୍ଥାନ ଅଧିକାର କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଫଳକରେ ସୀମିତ ପିପିଲି ବସଷ୍ଟାଣ୍ଡ

**ପିପିଲି,୨୨।୩(ସ୍ୱ.ପ୍ର.)**

ପିପିଲିରେ ଏବେ ଚାଲିଛି ଉପନିର୍ବାଚନର ତାତି। ଏ ନେଇ ସମସ୍ତ ଦଳ ପିପିଲିର ମୁଖ୍ୟ ସମସ୍ୟାଗୁଡ଼ିକୁ ଜନସାଧାରଣଙ୍କ ସମ୍ମୁଖରେ କିଭଳି ସମାଧାନ କରିବେ ସେନେଇ ଆଲୋଚନା ଚାଲିଛି। ରାସ୍ତାଘାଟଠାରୁ ଆରମ୍ଭ ହୋଇ ଫନୀ ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ପ୍ରକୃତ ହିତାଧିକାରୀମାନଙ୍କୁ ଏପର୍ଯ୍ୟନ୍ତ ପ୍ରାପ୍ୟ ମିଳି ନ ଥିବା ଅଭିଯୋଗ ହୋଇଛି। ସେହିଭଳି ଦୀର୍ଘଦିନର ସମସ୍ୟା ପିପିଲିରେ ବସଷ୍ଟାଣ୍ଡ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାସେ ତଳେ ପିପିଲି ବ୍ଲକ ପାଇଁ ବସଷ୍ଟାଣ୍ଡ ସମେତ ବିଭିନ୍ନ ପ୍ରକଳ୍ପ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ପେଡି ଖୋଲିଥିଲେ। ହେଲେ ବସଷ୍ଟାଣ୍ଡ ପାଇଁ ପାଦଟିଏ ବି ଆଗେଇନି ପିପିଲି ଏନଏସି। ଏହି ବସଷ୍ଟାଣ୍ଡ ପାଇଁ ୨୦୧୩ରେ ହୋଇଥିଲା ଭିତ୍ତିପ୍ରସ୍ତର ସ୍ଥାପନ। କିଛିଦିନ ଧରି ମାଟି ପୋତା କାମ ହୋଇ ରହିଗଲା। ସ୍ୱର୍ଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ସମୟରେ ଏନଏସିର ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ଏସ୍‌ଏନ୍ ତ୍ରିପାଠୀ ଓ ଚେୟାରମ୍ୟାନ ଏସ୍.କେ.




ବାବୁଙ୍କ ସମୟରେ ବସଷ୍ଟାଣ୍ଡ ପାଇଁ ଲାଗିଥିଲା ଫଳକ। ଏହାକୁ ୮ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ ହୋଇ ନ ପାରି କେବଳ ଫଳକରେ ସୀମିତ ହୋଇ ରହିଗଲା ପିପିଲି ବସଷ୍ଟାଣ୍ଡ। ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ନୀତି ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ବସଷ୍ଟାଣ୍ଡ ହୋଇପାରି ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବସଷ୍ଟାଣ୍ଡ ନ ଥିବାରୁ ଛାତ୍ରୀଛାତ୍ର ଓ ଯାତ୍ରୀମାନେ ଖୋଲା ଆକାଶ ତଳେ ଖରାରେ ବସ୍‌କୁ ଅପେକ୍ଷା କରୁଥିବାବେଳେ ପିଇବା ପାଣି ଓ ଶୌଚାଳୟଟିଏ ବି ନ ଥିବା କାରଣରୁ ଯାତ୍ରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମତ ପାଇଁ ଯାଇଥିବାବେଳେ ସେ ଛୁଟିରେ ଥିବା ଜାଣିବା ପରେ ତାଙ୍କ ଦାୟିତ୍ୱରେ ଥିବା ଇଞ୍ଜିନିୟର ବିଭୂତି ତ୍ରିପାଠୀ କହିଛନ୍ତି, ବସଷ୍ଟାଣ୍ଡ ନିର୍ମାଣ ପାଇଁ ଏବେ ଦେଢ଼ କୋଟି ଟଙ୍କା ଆସିଛି। କିନ୍ତୁ ଏବେ ଉପନିର୍ବାଚନ ଥିବାରୁ କାର୍ଯ୍ୟ କେବେ ହେବ ସେନେଇ ନିଷ୍ପତ୍ତି ହୋଇ ନାହିଁ। ସେହିଭଳି ପୂର୍ବତନ ଏନଏସି ଚେୟାରମ୍ୟାନ ଏସ୍.କେ. ବାବୁ କହିଛନ୍ତି, ଉପନିର୍ବାଚନର ଆଚରଣବିଧି ଲାଗିଥିବାରୁ କୌଣସି ନୂତନ କାର୍ଯ୍ୟ ନିମନ୍ତେ ନିର୍ଦ୍ଦେଶ ଆସି ନାହିଁ। ଅନ୍ୟପଟେ ଏହାକୁ ନେଇ ଭାଜପା ସିଧାସଳଖ ଅଭିଯୋଗ କରିଛି ଯେ, ବିଜେଡି ଓ କଂଗ୍ରେସ ମିଳିମିଶି ଟଙ୍କା ଖାଇଥିବା ବେଳେ ଏବେର ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍ ପିପିଲିବାସୀଙ୍କୁ ସ୍ୱପ୍ନ ଦେଖାଇଛି । ଭାଜପା କ୍ଷମତାକୁ ଆସିଲେ ନିଶ୍ଚୟ ଦୀର୍ଘ ଦିନର ସମସ୍ୟାକୁ ସମାଧାନ କରିବ ବୋଲି ପୁରୀ ଜିଲା ଭାଜପା ଉପସଭାପତି ଜନ୍ମେଜୟ ଜେନା କହିଛନ୍ତି।

## ସୀମିତ ଭକ୍ତରେ ହୋଇପାରେ ପଞ୍ଚଦୋଳ ମେଳଣ

**କଣାସ,୨୨।୩(ଡି.ଏନ.ଏ.)**

ଦେଶ ସମେତ ରାଜ୍ୟରେ କରୋନା ସଂକ୍ରମଣ ସ୍ଥିତି ବଢ଼ିଯାଇଥିବାବେଳେ କଣାସର ପ୍ରସିଦ୍ଧ ଜଙ୍କିଆ ପଞ୍ଚଦୋଳ ମେଳଣ ଚଳିତବର୍ଷ ଫିକା ପଡ଼ିଯିବ। କୋଭିଡ୍ ନିୟମ ଅନୁଯାୟୀ ସୀମିତ ଭକ୍ତଙ୍କୁ ନେଇ ଏଥର ମେଳଣ ଅନୁଷ୍ଠିତ ହୋଇପାରେ। ମେଳଣ ପଡ଼ିଆରେ ନାଚ ହେବନି କି ଲାଗିବନି ଷ୍ଟଲ। କେବଳ ଯାହା ଠାକୁରମାନେ ମେଳଣ ପଡ଼ିଆକୁ ସୀମିତ ଲୋକଙ୍କ ଗହଣରେ ଆସିବେ। ଗୋଟେ ଗୋଟେ ବିମାନରେ ମାତ୍ର ୧୦ଜଣ ରହିବେ ବୋଲି ଅଲିଖିତ ନିର୍ଦ୍ଦେଶନାମା ଜାରି କରିଛନ୍ତି ସ୍ଥାନୀୟ ପ୍ରଶାସନ। ଯଦିଓ ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ନିର୍ଦ୍ଦେଶ ଜାରି ହୋଇନି କିନ୍ତୁ ଆୟୋଜକ କମିଟିକୁ ସ୍ଥାନୀୟ ତହସିଲଦାର କୋଭିଡ୍ ନିୟମ ଅନୁଯାୟୀ ପାଳନ କରିବାକୁ ଜଣାଇ ଦେଇଛନ୍ତି। କେବଳ ଜଙ୍କିଆ ମେଳଣ ନୁହେଁ ବ୍ଲକରେ ଅନୁଷ୍ଠିତ ହେଉଥିବା ସମସ୍ତ ମେଳଣ ଉପରେ ଅଙ୍କୁଶ ଲାଗିଛି। ଜିଲାରେ ଜଙ୍କିଆ ମେଳଣର ସ୍ୱତନ୍ତ୍ରତା ରହିଛି। ପ୍ରତିବର୍ଷ ଅଞ୍ଚଳର ୩୬ ଦୋଳଙ୍କୁ ନେଇ ମେଳଣ ଅନୁଷ୍ଠିତ ହୁଏ। ଗ୍ରାମ ଠାକୁର କପିଳେଶ୍ୱର ଦେବଙ୍କ ଆବାହକତ୍ୱରେ ସ୍ଥାନାଧିପତି ନୀଳକଣ୍ଠେଶ୍ୱର ଦେବ ସଭାପତି ନନ୍ଦଦେବ ମେଳଣ ପଡ଼ିଆକୁ ଆସିବା ପରେ ଅନ୍ୟ ସବୁ ଠାକୁର ବିରାଜମାନ କରିଥାନ୍ତି। ଏହି ସମୟରେ ଶହଶହ ଭକ୍ତ ଓ ମାନସିକଧାରୀ ରାସ୍ତା ସାରା ଠାକୁରଙ୍କୁ ଦର୍ଶନ କରି ଭୋଗ ଲଗାଇଥାନ୍ତି। କିନ୍ତୁ ଏବର୍ଷ କେବଳ ଠାକୁର ଆସିବେ। କେବଳ ଯାହା ନୀତିକାନ୍ତି ହେବ। ମେଳନର ହରିହର ଭେଟ ଦେଖିବାରୁ ଭକ୍ତ ବଞ୍ଚିତ ହେବେ। ଏପ୍ରିଲ ୨ରୁ ୩ ତାରିଖ ମଧ୍ୟରେ ମେଳଣ ଅନୁଷ୍ଠିତ ହେବ।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

**ଡେଲାଙ୍ଗ,୨୨।୩(ଡି.ଏନ୍.ଏ.)**

ଡେଲାଙ୍ଗ ଥାନା ଅନ୍ତର୍ଗତ ଓଉପଡ଼ା ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ଏହି ଗ୍ରାମର ସୋମନାଥ କୋଦମାସିଂହଙ୍କ ସ୍ତ୍ରୀ ଗୀତାଞ୍ଜଳି ପାତ୍ର। ଏ ନେଇ ପୋଲିସ ଏକ ମାମଲା (ନଂ.୬୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନିମାପଡା ଥାନା ଅଧୀନ ଗଡ଼ତୋରୁହଁ ଗ୍ରାମର ଗୀତାଞ୍ଜଳି ପାତ୍ର ୮ ବର୍ଷ ତଳେ ଓଉପଡ଼ା ଗ୍ରାମର ସୋମନାଥ କୋଦମାସିଂହଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଗୀତାଞ୍ଜଳିଙ୍କୁ ମାଡ଼ ମାରିବା ସହ ଅଧିକ ଯୌତୁକ ଆଣିବା ପାଇଁ ସ୍ୱାମୀ ଚାପ ପକାଉଥିଲେ। ଏହିକଥା ଗୀତା ବାପଘରକୁ ଜଣାଇଥିଲେ। ହେଲେ ସୋମବାର ସକାଳୁ ହଠାତ୍ ସୋମନାଥ ଶ୍ୱଶୁର ଘରକୁ ଫୋନ କରି ତାଙ୍କ ଝିଅ ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚିବା ବେଳକୁ ଝିଅ ମୃତଶରୀର ତଳେ ପଡିଥିବାବେଳେ ବେକରେ ଏକ ରଶି ଦାଗ ରହିଥିବା ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଏ ନେଇ ମୃତାଙ୍କ ଭଉଣୀ ସୁଚିତ୍ରା ଥାନାରେ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣା ପରେ ସ୍ୱାମୀ ଫେରାର ହୋଇଯାଇଛନ୍ତି।

## ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ସମାବେଶ



ସମାବେଶରେ ଯୋଗ ଦେଇଥିବା କୃଷକ ନେତାମାନେ ।

**ଡେଲାଙ୍ଗ,୨୨।୩(ଡି.ଏନ୍.ଏ.)**

ସର୍ବଭାରତୀୟ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ମାର୍ଚ୍ଚ ୧୨ରୁ ୨୩ ପର୍ଯ୍ୟନ୍ତ ସାରା ଭାରତ ବର୍ଷରେ କୃଷି ଅଧିକାର ସମାବେଶ ଅନୁଷ୍ଠିତ ହେଉଛି। ଏହି ଅବସରରେ ଡେଲାଙ୍ଗ ବ୍ଲକରେ କୃଷକ ନେତା ତଥା ଏଆଇକେଏମ୍‌ର ରାଜ୍ୟ ସଭାପତି ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଏକ ସମାବେଶ ହୋଇଯାଇଛି। ଏଥିରେ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ନେତା ଲିଙ୍ଗରାଜ, ସୁରେଶ ପାଣିଗ୍ରାହୀ, ନରେନ୍ଦ୍ର ମହାନ୍ତି, ଭାଲଚନ୍ଦ୍ର ଷଡ଼ଙ୍ଗୀ, ଶଙ୍କର ସାହୁ, କିଶାନ ପଟ୍ଟନାୟକ, ଶ୍ରୀକାନ୍ତ ମହାନ୍ତି, ଶଶିଭୂଷଣ ସ୍ୱାଇଁ, ନିରଞ୍ଜନ ମହାନ୍ତି, ବାସୁଦେବ ଦାସ, ଆଦାନ କାତ୍ରାକା, ଇନସାଫ ଓଡିଶାର ନରେନ୍ଦ୍ର ମହାନ୍ତି,କୃଷନାଥ ପ୍ରଧାନ, ଅଭିରାମ ବେହେରା, ହରିଶଚନ୍ଦ୍ର ମିଶ୍ର, ରବୀନ୍ଦ୍ର ପ୍ରଧାନ, ନବକିଶୋର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବେରବୋଇସ୍ଥିତ ଗାନ୍ଧୀ ପୀଠକୁ ଯାଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ମାଟି ସଂଗ୍ରହ କରିନେଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ଯାଇ ଡେଲାଙ୍ଗ ହାଟ ବଜାରଠାରେ ସଭାର ଆୟୋଜନ ହୋଇଥିଲା। ନୂତନ କୃଷି ଆଇନକୁ ରଦ୍ଦ କରିବା, ଅତ୍ୟାବଶ୍ୟକ ଆଇନକୁ ସଂଶୋଧନ କରିବା, କୃଷିଜାତ ଦ୍ରବ୍ୟଗୁଡିକୁ ସରକାରୀ ଭାବେ ସଂଗ୍ରହ କରିବା ପାଇଁ ଆଇନ ବ୍ୟବସ୍ଥା କରିବା ପ୍ରଭୃତି ଦିଗରେ ମତପ୍ରକାଶ କରିଥିଲେ।

## ରାମେଶ୍ୱର ଦେବଙ୍କ ଚାଟେରି ଭୋଗଖିଆ ପରମ୍ପରା ପାଳନ ହେଉ

**କଟକ ଅଫିସ, ୨୨।୩**

ଖୋର୍ଦ୍ଧା ଜିଲା ଇନଜନପୁର ଗ୍ରାମରେ ଦୋଳ ମେଳଣ ଉପଲକ୍ଷେ ରାମେଶ୍ୱର ଦେବଙ୍କ ଚାଟେରି ଭୋଗ ଖିଆକୁ ନେଇ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ହାଇକୋର୍ଟ ବିଚାରପତି ସଞ୍ଜୟ କୁମାର ମିଶ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ରାମେଶ୍ୱର ଦେବଙ୍କ ଚାଟେରି ଭୋଗ ଖିଆ ପରମ୍ପରାକୁ ନିର୍ବାହ କରିବା ପାଇଁ ବାଲୁଗାଁ ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଏଥିସହ ରାମେଶ୍ୱରଙ୍କ ଚାଟେରି ଭୋଗ ଖିଆ ସମୟରେ କୋଭିଡ୍ ନିୟମ ପାଳନ ପାଇଁ ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି। ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଥିଲେ, ରାମେଶ୍ୱର ଦେବଙ୍କର ନୂତନ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଏପର୍ଯ୍ୟନ୍ତ ଦାୟିତ୍ୱ ନେଇନାହାନ୍ତି। ପୂର୍ବତନ ଟ୍ରଷ୍ଟି ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଏହାର ସୁଯୋଗ ନେଇ ପୂର୍ବତନ ଟ୍ରଷ୍ଟି ଜଣକ ରାମେଶ୍ୱର ଦେବଙ୍କ ଚାଟେରି ଭୋଗ ଖିଆ ପରମ୍ପରାକୁ ଭଙ୍ଗ କରିବାକୁ ପ୍ରୟାସ କରୁଛନ୍ତି। ଏଥିପାଇଁ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ଏଥିରେ କମିଶନର, ଆସିଷ୍ଟାଣ୍ଟ୍ କମିଶନର ଏଣ୍ଡାଓମେଣ୍ଟ, ଖୋର୍ଦ୍ଧା ଜିଲାପାଳ, ଏସ୍‌ପି, ଚିଲିକା ତହସିଲଦାର, ବାଲୁଗାଁ ଥାନା ଅଧିକାରୀ ଓ ବାଲୁଗାଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜୟଦେବ ବେହେରା ମାମଲା ପରିଚାଳନା କରିଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀର ଅନନ୍ୟ ପରିଚୟ

**ସାକ୍ଷୀଗୋପାଳ,୨୨।୩(ଡି.ଏନ୍.ଏ.)**

ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବକୁଳବନର ସ୍ମୃତି ଉଜ୍ଜୀବିତ ରଖିବା ସହିତ ଏହାର ପ୍ରଚାର ପ୍ରସାର ଲକ୍ଷ୍ୟ ରଖିବା ନେଇ ଆୟୋଜିତ ୧୫ତମ ବକୁଳବନ ମହୋତ୍ସବ ସୋମବାର ପଞ୍ଚସଖା ସ୍ମୃତି ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗଦେଇ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ଏହା ଅନନ୍ୟ ପରିଚୟ ପ୍ରଦାନ କରିବ ବୋଲି କହିଥିଲେ। ଓଡ଼ିଆ ଭାଷା ସାହିତ୍ୟର ଉତ୍ତରୋତ୍ତର ଗବେଷଣା ଜରିଆରେ ଆମ ଭାଷା ଅଧିକ ସମୃଦ୍ଧ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଆ ଭାଷା ଆନ୍ଦୋଳନର ପ୍ରମୁଖ କର୍ମକର୍ତ୍ତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସୀତାବଲ୍ଲଭ ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ରମାକାନ୍ତ ମିଶ୍ର ଯୋଗଦେଇ ବକୁଳବନର ବିଲୁପ୍ତ ସ୍ମୃତିଚାରଣ କରିଥିଲେ। ସାଧୁଚରଣ ବେହେରା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ଯଯାତି କେଶରୀ ରାୟ। କବି ସଚ୍ଚିକାନ୍ତ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## କଣାସରେ ବ୍ୟାପୁଛି ଝାଡ଼ାବାନ୍ତି

**କଣାସ,୨୨।୩(ସ୍ୱ.ପ୍ର.)**

ଗତ ୧୫ଦିନ ହେଲା କଣାସର ବିଭିନ୍ନ ଗ୍ରାମରେ ଝାଡାବାନ୍ତି ଲାଗି ରହିଛି। ସୋମବାର କଣାସ, ନୂଆଦୋକନ୍ଦା, ସିରେଇ ଓ ଦୁଦୁର ଗ୍ରାମରୁ ୮ରୁ ଊର୍ଦ୍ଧ୍ୱ ଲୋକେ ଝାଡ଼ାବାନ୍ତି ରୋଗରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଛନ୍ତି। ଅନେକ ଝାଡ଼ାବାନ୍ତି ରୋଗୀ ମନ୍ଦାରବ, ବୀରକେଶରପୁର, ସାହୁପଡ଼ା, ଗଡ଼ିଶାଗୋଦା, ନନ୍ଦିଗୋଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏ ନେଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସୌଭାଗ୍ୟ ଜେନା କହିଛନ୍ତି, ନିତ୍ୟ ବ୍ୟବହାର ପାଇଁ ଶୁଦ୍ଧଜଳ ଓ ପାନୀୟଜଳ ମିଳୁ ନ ଥିବାରୁ ଦୀର୍ଘ ୧୫ଦିନ ହେଲା ଦୈନିକ ୮ରୁ ୧୦ଜଣ ଝାଡ଼ା ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି।

## ବିଜେଡିର କର୍ମୀ ସମ୍ମିଳନୀ

**ପିପିଲି,୨୨।୩(ସ୍ୱ.ପ୍ର.)**

ପିପିଲି ବ୍ଲକର ପମସରା ପଞ୍ଚାୟତ କୌଶଲ୍ୟାପୁରଠାରେ ସୋମବାର ପୁରୀ ଜିଲା ସାଧାରଣ ସମ୍ପାଦକ ସତ୍ୟଜିତ ରାୟଚୌଧୁରୀଙ୍କ ତତ୍ତ୍ୱାବଧାନ ଓ ପିପିଲି ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ପୃଷ୍ଟିଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଯୁବ ଦଳର ପର୍ଯ୍ୟବେକ୍ଷକ ଶୁଭାଶିଷ ଖୁଣ୍ଟିଆ, ଛାତ୍ର ନେତା ଅବଦୁଲ ହବିବ ଓ ଦୁଇ ମହିଳା ପର୍ଯ୍ୟବେକ୍ଷିକା ସୀମା ନାୟକ ଓ ସବିତା ଆଚାର୍ଯ୍ୟ ଯୋଗଦେଇ କର୍ମୀମାନଙ୍କୁ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି ପଞ୍ଚାୟତର ୨ଜଣ ୱାର୍ଡ ସଭ୍ୟା ବିଜେଡିରେ ସାମିଲ ହୋଇଛନ୍ତି। ତେବେ ଏମାନଙ୍କ ମିଶ୍ରଣ ଯୋଗୁ ଦଳ ଏଠାରେ ଅଧିକ ମଜଭୁତ ହେବ ବୋଲି ବିଧାୟକ ସୁଶାନ୍ତ ରାଉତ କହିଛନ୍ତି। ଏହିଭଳି ବିଭିନ୍ନ ପଞ୍ଚାୟତର ଦାୟିତ୍ୱରେ ଥିବା ତୁଙ୍ଗ ବିଜେଡି ନେତାମାନେ ରଣକ୍ଷେତ୍ର ପାଇଁ ନିଜର ରଣକୌଶଳ ପ୍ରସ୍ତୁତ କରୁଛନ୍ତି।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଗସ୍ତ ନିମନ୍ତେ ସୋମବାର ଶ୍ରୀମନ୍ଦିରକୁ ଫୁଲରେ ସଜାଯାଇଛି ।

## ରାଷ୍ଟ୍ରପତିଙ୍କ ଗସ୍ତର ଏପାଖ ସେପାଖ...

### ସେ ସବୁ ଜାଣନ୍ତି...

ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କୌଳିକ ପଣ୍ଡା ନାରାୟଣ ଗୋଚ୍ଛିକାର କହିଛନ୍ତି ଯେ, ଶ୍ରୀମନ୍ଦିରରେ ଦର୍ଶନ ଅବସରରେ ରାଷ୍ଟ୍ରପତିଙ୍କୁ ସେ କହିଥିଲେ ଯେ, ମହାପ୍ରଭୁଙ୍କୁ କୌଣସି ମନର କଥା ଜଣାଇବାକୁ ଚାହୁଁଥିଲେ ଜଣାଇପାରିବେ। ମାତ୍ର ଏହାର ପ୍ରତିଉତ୍ତରରେ ରାଷ୍ଟ୍ରପତି କହିଥିଲେ, ସେ ବିଶ୍ୱନିୟନ୍ତା। ତାଙ୍କୁ ଅବା ମୁଁ କ'ଣ ଜଣାଇବି। ସେ ସବୁ ଜାଣନ୍ତି।



ରାଷ୍ଟ୍ରପତି, ତାଙ୍କ ସହଧର୍ମିଣୀ ଓ ରାଜ୍ୟପାଳଙ୍କୁ ଗଜପତି ମହାରାଜା ପାଛୋଟି ନେଉଛନ୍ତି ।

### ବାଟରେ ଅଟକି ପ୍ରଣାମ କଲେ

ଶ୍ରୀମନ୍ଦିର ବାହାରକୁ ଆସିବା ପରେ ରାଷ୍ଟ୍ରପତି ଜୟ ଜଗନ୍ନାଥ ସ୍ଲୋଗାନ ଦେଇ ଗାଡ଼ିରେ ବସିଥିଲେ। ତେବେ ଗାଡ଼ି ଶ୍ରୀମନ୍ଦିର କାର୍ଯ୍ୟାଳୟ ପାଖରେ ପହଞ୍ଚିବା ପରେ ହଠାତ୍ ଅଟକି ଯାଇଥିଲା। ହଠାତ୍ ଗାଡ଼ି କାହିଁକି ଅଟକିଲା ସେନେଇ ସମସ୍ତେ ଭାବୁଥିବାବେଳେ ରାଷ୍ଟ୍ରପତି ଗାଡ଼ିରୁ ଓହ୍ଲାଇ ଆସି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିଥିଲେ। ପୁରୀବାସୀଙ୍କ ସମର୍ଥନ ଓ ଅକୁଣ୍ଠ ଭଲ ପାଇବାକୁ ପ୍ରଣାମ ଜଣାଇ ସେ କିଛି ସମୟ ବଡ଼ଦାଣ୍ଡରେ ଠିଆ ହୋଇଥିଲେ। ଏହାପରେ ହାତ ହଲାଇ ବିଦାୟ ଜଣାଇ ପୁଣି ଗାଡ଼ିରେ ଚଢ଼ିଥିଲେ।




ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରାଷ୍ଟ୍ରପତି ଗାଡିରୁ ଓହ୍ଲାଇ ଜନତାଙ୍କୁ ନମସ୍କାର କରୁଛନ୍ତି ।

### କୋଣାର୍କରେ ନିରାମିଷ ଖାଦ୍ୟ ଖାଇଲେ

କୋଣାର୍କ ଗସ୍ତ ଅବସରରେ ସ୍ଥାନୀୟ ଓଟିଡିସି ଯାତ୍ରୀନିବାସରେ ରାଷ୍ଟ୍ରପତି ବିଶ୍ରାମ ନେବା ସହ ମଧ୍ୟାହ୍ନଭୋଜନ ଖାଇଥିଲେ। ସେ ରୁଟି, ଡାଲ୍‌ମା, ସାଲାଡ୍, ସନ୍ତୁଳା, ପୋଟଳ କୁରୁମା, କଖାରୁ ଫୁଲ ପିଠା, ପୋସ୍ତ ତରକାରି ପ୍ରଭୃତି ନିରାମିଷ ଖାଦ୍ୟ ଏବଂ ଛେନାପୋଡ଼, ରସଗୋଲା ପ୍ରଭୃତି ମିଠା ଖାଇଥିଲେ।

### ବ୍ୟାପକ ପୋଲିସ ବ୍ୟବସ୍ଥା

୫ ଏସପି ପାହ୍ୟା ଅଫିସର, ୮ ଅତିରିକ୍ତ ଏସ୍‌ପି, ୨୫୦ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ, ୪୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ପୁରୀ ସହରରେ ରବିବାର ସନ୍ଧ୍ୟା ଓ ବିଳମ୍ବିତ ରାତ୍ରିରେ ପ୍ରତିଟି ଚାରିଚକିଆ ଯାନର ଚେକିଂ କରାଯାଇଥିଲା। ସୋମବାର ସକାଳୁ ପୁରୀ ପୋଲିସ ବଡ଼ଦାଣ୍ଡର ସମସ୍ତ ଦୋକାନକୁ ବନ୍ଦ କରିଥିବା ବେଳେ ରାଷ୍ଟ୍ରପତି ଫେରିଯିବା ପର୍ଯ୍ୟନ୍ତ ବଡ଼ଦାଣ୍ଡକୁ ଯାନବାହନ ଚଳାଚଳ ବନ୍ଦ କରାଯାଇଥିଲା। ରାଷ୍ଟ୍ରପତି ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ବଡ଼ଦାଣ୍ଡକୁ ସାଧାରଣ ଲୋକଙ୍କୁ ଛଡ଼ାଯାଇ ନ ଥିଲା।

### ପ୍ରବଳ ଭିଡ଼, ଟ୍ରାଫିକ ଜାମ୍

ରାଷ୍ଟ୍ରପତି ପୁରୀ ଛାଡ଼ିବା ପରେ ବଡ଼ଦାଣ୍ଡରେ ପ୍ରବଳ ଗହଳି ହୋଇଥିଲା। ଦୀର୍ଘ ସମୟ ଧରି ଅଟକି ରହିଥିବା ଲୋକେ ଟ୍ରାଫିକ୍ ପୋଲିସ କଥାକୁ ନ ଶୁଣି ବଡ଼ଦାଣ୍ଡକୁ ଚାଲି ଆସିଥିଲେ। ସମସ୍ତେ ନିଜ ଗନ୍ତବ୍ୟସ୍ଥାନକୁ ଯିବାକୁ ବ୍ୟସ୍ତ ହୋଇପଡ଼ିବାରୁ ଡାକ୍ତରଖାନା ଓ ମାର୍କେଟ ଛକରେ ପ୍ରାୟ ଅଧଘଣ୍ଟା ପାଇଁ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା। ତେବେ କିଛି ସମୟ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ମୁକ୍ତିମଣ୍ଡପ କାର୍ଯ୍ୟକାରୀ ସଭାପତିଙ୍କ ନାମରେ ଏତଲା

**ପୁରୀ ଅଫିସ,୨୨।୩:**

ମୁକ୍ତିମଣ୍ଡପ ପଣ୍ଡିତ ସଭା ୩ଜଣ ସଦସ୍ୟଙ୍କୁ ବହିଷ୍କାର କରିବା ପରେ ବହିଷ୍କୃତ ସଦସ୍ୟ ସୂର୍ଯ୍ୟନାରାୟଣ ରଥ ପଣ୍ଡିତ ସଭା କାର୍ଯ୍ୟକାରୀ ସଭାପତିଙ୍କ ନାମରେ ସାମାଜିକ ସମ୍ମାନ ହାନିର ଅଭିଯୋଗ ଆଣିଛନ୍ତି। ଏନେଇ ସେ ସୋମବାର ପୁରୀ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ରଥ ଅଭିଯୋଗ କରିଛନ୍ତି, କାର୍ଯ୍ୟକାରୀ କମିଟି ଦ୍ୱାରା ଅନୁଷ୍ଠାନ ସମ୍ବିଧାନକୁ ଉଲ୍ଲଂଘନ କରି ବେଆଇନ ଭାବେ ତାଙ୍କୁ ପଣ୍ଡିତ ସଭାରୁ ବହିଷ୍କାର କରାଯାଇଛି। କାର୍ଯ୍ୟକାଳ ପୂରିଯାଇଥିବାରୁ ବହିଷ୍କାର କରିବାର ଅଧିକାର ପଣ୍ଡିତ ସଭାର କ୍ଷମତା ନାହିଁ। ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିବା, ସମ୍ମାନହାନି କରିବା, ମାନସିକ ନିର୍ଯାତନା ଦେବା ଓ ଅନୁଷ୍ଠାନର ସମ୍ବିଧାନ ଉଲ୍ଲଂଘନ କରାଯିବା ଅଭିଯୋଗରେ ସେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିଭଳି ଷୋଳ ଶାସନ ଭୋଗ ନିମନ୍ତେ କାର୍ଯ୍ୟକାରୀ ସଭାପତି ନିଜ ବ୍ୟକ୍ତିଗତ ଠିକଣାରେ ଦାନ ଅର୍ଥ ସଂଗ୍ରହ ପାଇଁ ଦାତାମାନଙ୍କୁ ଚିଠି ଲେଖିଥିଲେ। ଅନ୍ୟପକ୍ଷରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର କହିଛନ୍ତି, ମୋ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ। ବହିଷ୍କାର ନିଷ୍ପତ୍ତି ମୁଁ ନୁହେଁ ବରଂ ଅନୁଷ୍ଠାନର କାର୍ଯ୍ୟକାରିଣୀ ଦ୍ୱାରା ଅନୁମୋଦିତ ହୋଇ ନିଆଯାଇଛି। ସେହିପରି ୨୦୨୦ରେ ଷୋଳଶାସନ ଭୋଗ ସମୟରେ କରୋନା ଯୋଗୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ବନ୍ଦ ଥିଲା। ବିଭିନ୍ନ ଶାସନରୁ ଅନୁରୋଧ ଆସିବା ପରେ ଅର୍ଥ ସଂଗ୍ରହ କରାଯାଇ ଇକୋ ବ୍ୟାଙ୍କ ଖାତାରେ ଜମା କରାଯାଇଥିଲା। ସିଂହଦ୍ୱାର ଥାନା ଆଇଆଇସି ଗେହ୍ଲି ସାହୁ କହିଛନ୍ତି, ଉଭୟ ପକ୍ଷକୁ ଶୁଣିବା ଓ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବେଗୁନିଆ,(ଡି.ଏନ୍.ଏ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତା ପୋଡ଼ାଡିହ ଛକ ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓସ୍ତପୁର ଗ୍ରାମର ପ୍ରକାଶ ନାୟକ। ସୂଚନା ମୁତାବକ, ପ୍ରକାଶ ହାଟ ସାରି ରାତି ପ୍ରାୟ ୯ଟାରେ ବାଇକ୍‌ରେ ଘରକୁ ଫେରୁଥିଲେ। କୌଣସି କାରଣକୁ ନେଇ ଦୁର୍ଘଟଣା ଘଟିଥିଲା। ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ବାଣ ବିସ୍ଫୋରଣରେ ୪ ଗୁରୁତର

ଖୋର୍ଦ୍ଧା ଅଫିସ,୨୨।୩ : ବାଘମାରୀ ଥାନା ଅଧୀନ ପଙ୍ଗରାସିଙ୍ଗ ଗ୍ରାମରେ ବାଣ ବିସ୍ଫୋରଣ ଘଟି ଗୋଟିଏ ପରିବାର ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ଏମସ୍‌କୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ସୁକୁଟି ବିବି(୬୦), ରୁକାସନା ବିବି(୩୦), ଖାତୁନ ବିବି(୬୦), ସିମା ବିବି(୩୦)। ଖବରପାଇ ଏସ୍‌ପି ରାଜକିଶୋର ଦୋରା, ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଏବଂ ସ୍ଥାନୀୟ ଥାନାଧିକାରୀ ପ୍ରଣିତା ପଟ୍ଟନାୟକ ପ୍ରମୁଖ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ମୁତାବକ, ଦୋଳ ଉତ୍ସବ ଲାଗି ବିଭିନ୍ନ ଗ୍ରାମରେ ବାଣ ତିଆରି ଚାଲିଛି। ଜିଲାର ବିଭିନ୍ନ ଅଞ୍ଚଳରେ ଦୋଳ ଉତ୍ସବ ସମୟରେ ବିଭିନ୍ନ ରଙ୍ଗିନ ଆତସବାଜି ଓ ବାଣ ଫୁଟାଯାଇଥାଏ। ଏନେଇ ବିଭିନ୍ନ ଗ୍ରାମରେ ବେଆଇନ ଭାବେ ବାଣ ପ୍ରସ୍ତୁତି ଚାଲିଛି। ସୋମବାର ସନ୍ଧ୍ୟାରେ ଏହି ବିସ୍ଫୋରଣ ଘଟିଥିଲା। ବାଣ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଘରର ଆଜବେଷ୍ଟସ ଛାତ ଉଡ଼ି ଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ।

### ପିକେ କ୍ଲବକୁ ହରାଇ ରାଇଜିଂ ଷ୍ଟାର ଚାମ୍ପିୟନ

ବେଗୁନିଆ,୨୨।୩(ଡି.ଏନ୍.ଏ): ବେଗୁନିଆ ଥାନା ଅଧୀନ ଗେଡ଼ିଆପଲ୍ଲୀ ଉଚ୍ଚ ବିଦ୍ୟାଳୟର ଖେଳପଡିଆରେ ଚାଲିଥିବା ଦିଲୀପ ବୀରେନ୍ଦ୍ର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜଟଣୀର ପିକେ କ୍ଲବକୁ ୩-୦ ଗୋଲରେ ହରାଇ ପାଣିଓରାର ରାଇଜିଂ ଷ୍ଟାର କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ଭାବଗ୍ରାହୀ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୪ହଜାର ଟଙ୍କା ଏବଂ ରନର୍ସ ଅପ୍ ଟିମକୁ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ପରିଡା, ରାଜୀବ ଓ ନିତ୍ୟାନନ୍ଦ ନାଏକ ମ୍ୟାଚ ପରିଚାଳନା କରିଥିଲେ। ତପନ ନାୟକ, ପ୍ରିୟବ୍ରତ ସ୍ୱାଇଁ, ଅଶୋକ ନାଏକ ପ୍ରମୁଖ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

### ଜିଲାପାଳଙ୍କ ତହସିଲ ଅଫିସ ପରିଦର୍ଶନ

ଜଟଣୀ,୨୨।୩(ଡି.ଏନ୍.ଏ): ଜିଲାପାଳ ସନତ ମହାନ୍ତି ସୋମବାର ଜଟଣୀ ତହସିଲରେ ପହଞ୍ଚି ବାର୍ଷିକ ହିସାବ କିତାବ(ସାଲତାମି) ବିଷୟରେ ପଚାରି ବୁଝିଥିଲେ। ଜଟଣୀ ବିଧାୟକଙ୍କ ପ୍ରତିନିଧି ଅଶୋକ ମଙ୍ଗରାଜ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣରେ ବ୍ୟବସାୟ ପ୍ରତିଷ୍ଠାନ ହରାଇଥିବା ଦୋକାନୀଙ୍କୁ ସେମାନଙ୍କ ଦୋକାନ ପ୍ରଦାନ କରିବା, ଟାଉନ୍ ଖାସମାହାଲ ଜମି ମାଲିକଙ୍କୁ ଜମି ପଟ୍ଟା ପ୍ରଦାନ, ପୌର ପରିଷଦ ପକ୍ଷରୁ ଚିହ୍ନଟ କରାଯାଇଥିବା ଭୂମିହୀନଙ୍କୁ ଜମି ଯୋଗାଇଦେବା, ରେଳବାଇ କୋଲନୀର ୮ଟି ୱାର୍ଡରେ ଝୁମ୍ପୁଡି ଘରେ ରହୁଥିବା ଲୋକଙ୍କୁ ଥଇଥାନ ଆଦି ସମସ୍ୟାର ଜିଲାପାଳିଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ତହସିଲଦାର ତପନ ମହାପାତ୍ର ଉପସ୍ଥିତ ଥିଲେ। ଏନେଇ ଜିଲାପାଳ ମହାନ୍ତି କହିଛନ୍ତି, ଦୋକାନ ଗୃହ ଏବଂ ଜମି ପଟ୍ଟା ପ୍ରଦାନ କାର୍ଯ୍ୟ ଜାରି ରହିଛି। ଖୁବ୍‌ଶୀଘ୍ର ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ଝୁମ୍ପୁଡି ବାସୀଙ୍କ ସମସ୍ୟାର ସମାଧାନ ପାଇଁ ତହସିଲଦାର ଏବଂ ଉପଜିଲାପାଳଙ୍କୁ କହିଥିଲେ।

# 'ଅନ୍ୟ ରାଜ୍ୟରୁ ଆସିଲେ ସଙ୍ଗରୋଧ'

■ସମସ୍ତ ପ୍ରତିଷ୍ଠାନରେ ଥର୍ମାଲ ସ୍କ୍ରିନିଂ ବାଧ୍ୟତାମୂଳକ
■ହୋଲି ଓ ଦୋଳ ଉତ୍ସବ ବନ୍ଦ

ଖୋର୍ଦ୍ଧା ଅଫିସ,୨୨।୩

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପୁଣି ବଢ଼ିବାରେ ଲାଗିଛି। ସୋମବାର ଖୋର୍ଦ୍ଧା ଜିଲାରେ ୩୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଜିଲାରେ କରୋନା ସଚେତନତା ଏବଂ ସତର୍କତା ଅବଲମ୍ବନ ଲାଗି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା ସଂକ୍ରମଣକୁ ଏଡ଼ାଇବା ପାଇଁ ସର୍ତକତା ଏକ ମାଧ୍ୟମ। ଏନେଇ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଦୋକାନ, ବଜାର, ଶପିଂମଲ ଏବଂ ଜନଗହଳି ସ୍ଥାନରେ ମାସ୍କ, ସାନିଟାଇଜ ଏବଂ ସାମାଜିକ ଦୂରତ୍ୱକୁ ବାଧ୍ୟତାମୂଳକ କରାଯାଇଛି। କୋଭିଡ୍ ନିୟମ ଉଲ୍ଲଂଘନ କଲେ, କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟ ରାଜ୍ୟରୁ ଜିଲାକୁ ଆସୁଥିବା ଲୋକେ ସଙ୍ଗରୋଧରେ ରହିବେ। ସେମାନଙ୍କ କୋଭିଡ ପରୀକ୍ଷା କରାଯିବ। ଶିଳ୍ପ ସଂସ୍ଥା, ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ଥର୍ମାଲ ସ୍କ୍ରିନିଂ, ସାନିଟାଇଜ


ବୈଠକରେ ଜିଲାପାଳ ସନତ ମହାନ୍ତି ଓ ଅନ୍ୟମାନେ।

ଉପରେ ଗୁରୁତ୍ୱ ଦେବେ। ବଜାର ଜନଗହଳି ସ୍ଥାନରେ ଏନଫୋର୍ସମେଣ୍ଟ କରାଯିବ। ଫୁଟପାଥ ବ୍ୟବସାୟୀଙ୍କୁ ହାବେଳି ପଡିଆରେ ଥଇଥାନ ଲାଗି ନିଷ୍ପତ୍ତି ହୋଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କୋଭିଡ୍ ଟିକାଦାନକୁ ତ୍ୱରାନ୍ୱିତ ଏବଂ ଅଧିକରୁ ଅଧିକ ବରିଷ୍ଠ ନାଗରିକ ଟିକା ନେବା ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତ ହୋଲି ଓ ଦୋଳ ଉତ୍ସବ ଉପରେ କଟକଣା ରହିଛି। ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଥିଲେ, କରୋନା [Text missing here: the column break lost the transition from 'କରୋନା' to 'ନିୟନ୍ତ୍ରଣ ଲାଗି'.] ନିୟନ୍ତ୍ରଣ ଲାଗି ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଶିଳ୍ପ ସଂସ୍ଥା, ବଜାର ବଣିକ ସଂଘ ତଥା ବିଭିନ୍ନ ସଂସ୍ଥା, ଅନୁଷ୍ଠାନ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଛି। କୋଭିଡ୍ ନିୟମକୁ ପାଳନ ଲାଗି ପରାମର୍ଶ ଦିଆଯାଇଛି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଲାଇ, ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଉପଜିଲାପାଳ ଅଶୋକ ବେହୁରିଆ, ସ୍ୱାସ୍ଥ୍ୟାଧିକାରୀ ଡା.ପ୍ରଶାନ୍ତ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ତହସିଲଦାର ପଦ୍ମଚରଣ ସାହୁଙ୍କ ସମେତ ବିଡିଓ, ତହସିଲଦାର, ବ୍ୟବସାୟିକ ପ୍ରତିଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୨ ପଜିଟିଭ୍

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସ୍ଥିତି ନିୟନ୍ତ୍ରଣ ରହିଛି। ସୋମବାର ୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲାର ୧୦ଟି ବ୍ଲକ ମଧ୍ୟରୁ କେବଳ ଜଟଣୀ ବ୍ଲକରୁ ୨ଜଣ ରହିଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ୧୩୪୮୬ କରୋନା ଆକ୍ରାନ୍ତ ହୋଇଥିବା ବେଳେ ୧୩୪୨୧ ଜଣ ସୁସ୍ଥ ହୋଇଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଛି। ୮ଜଣ ସକ୍ରିୟ ରହିଥିବା ଜଣାପଡ଼ିଛି।


ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ସୋମବାର ଖୋର୍ଦ୍ଧା ଜିଲା ଯୁବ କଂଗ୍ରେସ ପକ୍ଷରୁ ଜଟଣୀ ହରିଭାଇନା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୧୪.୮୧ ଲକ୍ଷ କୁଇଣ୍ଟାଲ ଧାନ କିଣାସରିଛି

ଖୋର୍ଦ୍ଧା ଅଫିସ,୨୨।୩

ଖୋର୍ଦ୍ଧା ଜିଲାରେ ଖରିଫ ଧାନକିଣା ଚାଲିଛି। ସୋମବାର ସୁଦ୍ଧା ୧୪ଲକ୍ଷ ୮୧ହଜାର ୬୬୯ କୁଇଣ୍ଟାଲ ଧାନକିଣା ସରିଛି। ଏଥିବାବଦକୁ ୩୯୭୨୯ଚାଷୀଙ୍କ ଆକାଉଣ୍ଟକୁ ୨୬୮ କୋଟି ଟଙ୍କା ଦିଆଯାଇଛି। ଏଥିସହ ମିଲର୍ସଙ୍କ ଠାରୁ ୨ଲକ୍ଷ ୯୩ହଜାର ୨୫୬.୦୩ କୁଇଣ୍ଟାଲ ଚାଉଳ ସଂଗ୍ରହ କରାଯାଇଥିବା ଯୋଗାଣ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ୩୧ ତାରିଖରେ ଧାନକିଣାର ଶେଷ ତାରିଖ ରହିଛି। ଚଳିତ ବର୍ଷ ୧୬ ଲକ୍ଷ କୁଇଣ୍ଟାଲ ଟାର୍ଗେଟ ରହିଛି। ଧାନ ବିକ୍ରି ଲାଗି ୪୪ହଜାର ଚାଷୀଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ଅପେକ୍ଷା ଏହି ସମୟରେ ଚାଷୀଙ୍କ ଠାରୁ ଅଧିକା ଧାନ କିଣା ଯାଇଥିବା ନେଇ ଜିଲା ପ୍ରଶାସନ ରିପୋର୍ଟ ଦେଇଥିବା ବେଳେ ଜିଲାର ବିଭିନ୍ନ ଅଞ୍ଚଳରେ ବହୁ ଚାଷୀ ଏବେ ଧାନ ବିକ୍ରି କରିପାରି ନ ଥିବା ଜଣାପଡିଛି। ଟାର୍ଗେଟ ନ ଥିବା କହି ସମିତି ସମ୍ପାଦକମାନେ ଚାଷୀଙ୍କୁ ଦିନ ଗଡାଇ ଚାଲିଛନ୍ତି।

## ଖୋର୍ଦ୍ଧା ବିଜୁ ଯୁବ, ଛାତ୍ର ଫାଇନାଲରେ

ଖୋର୍ଦ୍ଧା ଅଫିସ,୨୨।୩

ଖୋର୍ଦ୍ଧା ବିଜେବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଖୋର୍ଦ୍ଧା ବିଜୁ ଯୁବ ଓ ଛାତ୍ର ବିଜେଡି ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ଭୁବନେଶ୍ୱର ଯୁବ ବିଜେଡି ଟିମ୍ ନିର୍ଦ୍ଧାରିତ ୧୫ ଓଭରରେ ୮ଉଇକେଟ ବିନିମୟରେ ୧୩୬ରନ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା ବିଜୁ ଯୁବ ଟିମ୍ ୧୪.୩ ଓଭରରେ ୭ ଉଇକେଟ ବିନିମୟରେ ୧୩୭ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଖୋର୍ଦ୍ଧାର ରାକେଶ ଶର୍ମା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ଖୋର୍ଦ୍ଧା ଛାତ୍ର ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୬ରନ ସଂଗ୍ରହ କରିଥିଲା। ଜବାବରେ ନୟାଗଡ ଛାତ୍ର ବିଜେଡି ଟିମ୍ ୮ ଉଇକେଟ ବିନିମୟରେ ୯୮ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଖୋର୍ଦ୍ଧାର ଅଶୋକ ଛୋଟରାୟ ମ୍ୟାନ ଅଫ ଦି ମ୍ୟାଚ ହୋଇଛନ୍ତି। ପ୍ରକାଶ ପଟ୍ଟନାୟକ ଓ ଅସିତ୍ ପରିଡା ମ୍ୟାଚ ପରିଚାଳନା କରିଥିବା ବେଳେ ଅସିତ ଦାସ ସ୍କୋରରଭାବେ ଦାୟିତ୍ୱ ତୁଲାଇଥିଲେ। ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅବ୍ୟକ୍ତ ହରିହର ଖାଡଙ୍ଗା, ଚଣ୍ଡିପ୍ରସାଦ ଆଚାର୍ଯ୍ୟ, ଅଭିଷେକ ସିଂ, ଦିଲ୍ଲୀପ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କଠାରୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

### ବୋମା, ଗୁଳିମାଡ଼ ଘଟଣାରେ ୧୦ ଗିରଫ

ନିରାକାରପୁର,୨୨।୩(ଡି.ଏନ୍.ଏ)

ଜଙ୍କିଆ ଥାନା ଅଧୀନ ଡମଣଭୂଇଁ ଗ୍ରାମରେ ପଥର ଖାଦାନକୁ କେନ୍ଦ୍ରକରି ରବିବାର ଗୋଷ୍ଠୀ ସଂଘର୍ଷ ଘଟି ବୋମା ଓ ଗୁଳିମାଡ଼ ହୋଇଥିଲା। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୬୪, ୬୫/୨୧) ରୁଜୁକରି ସୋମବାର ୧୦ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମନୋରଞ୍ଜନ ଭୋଳ, ସୁବୁଧ ଭୋଳ, ପ୍ରଶାନ୍ତ ଭୋଳ, ଲିଙ୍କନ ଭୋଳ, ସନାତନ ଭୋଳ, ପ୍ରଭାତ ଦଳେଇ, ତୋଫାନ ଭୋଳ, ବିଶ୍ୱନାଥ ବେହେରା, କୃଷ୍ଣ ଚନ୍ଦ୍ର ବେହେରା, ବିଶ୍ୱନାଥ ସାମନ୍ତରାୟ। ଅନ୍ୟପଟେ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଶାନ୍ତିଶୃଙ୍ଖଳା ପାଇଁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଗ୍ରାମର ବହୁ ଯୁବକ ଗିରଫ ଭୟରେ ଫେରାର ରହିଥିବା ଜଣାପଡ଼ିଛି।

### ଓରବରସିଂର ଚାଷୀ କାଳିଆ ଯୋଜନାରୁ ବଞ୍ଚିତ

ଖୋର୍ଦ୍ଧା ଅଫିସ,୨୨।୩

ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତର ଓରବରସିଂ ଗ୍ରାମସ୍ଥିତ ଗତିଶ୍ୱର ମନ୍ଦିର ନିକଟରେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ସରକାର କାଳିଆ ଯୋଜନାରେ ଚାଷୀଙ୍କୁ ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ଏହି ପଞ୍ଚାୟତର ଅଧିକାଂଶ ଚାଷୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଶାନ୍ତି ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଏହି ବୈଠକରେ ଏକାଧିକ ଚାଷୀ ଯୋଗଦେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସମିତି ସଭାପତି ନରେନ୍ଦ୍ର ମଙ୍ଗରାଜଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ପଞ୍ଚାୟତ ସମିତି ସଭ୍ୟା ମାନିନୀ ଶ୍ରୀଚନ୍ଦନ, ନାଏବ ସରପଞ୍ଚ ସସ୍ମିତା ବେହେରା, ରଞ୍ଜିତ ସାମନ୍ତରାୟ, ତ୍ରିନାଥ ବଳିୟାରସିଂ, ତନ୍ମୟ ବରିସଲ, ପ୍ରଶାନ୍ତ ସେନାପତି, ଆଲୋକ ଶ୍ରୀଚନ୍ଦନ, ନାରାୟଣ ହରିଚନ୍ଦନ, ପ୍ରମୋଦ ବଳିୟାରସିଂ, ଯୋଗୀନାଥ ସ୍ୱାଇଁ, ସନ୍ତଚରଣ ସିଂ, ସନ୍ତୁ ବଳିଆରସିଂ, ମାଧବ ଶ୍ରୀଚନ୍ଦନ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସସ୍ମିତା


@ ଅଲେଖରଞ୍ଜନ


@ ବିଦ୍ୟାଧର


@ ବିଶ୍ୱ


@ ଉମା


@ ଗୌରାଙ୍ଗ


@ ଦେବାଶିଷ

## ସବୁଜ ପତ୍ରିକାଧାରୀ ମହିଳା ସଂଘର ତହସିଲ ଅଫିସ ଘେରାଉ

ବେଗୁନିଆ,୨୨।୩(ଡି.ଏନ୍.ଏ)

ବେଗୁନିଆ ବ୍ଲକର ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ମହିଳା ସଂଘ ପକ୍ଷରୁ ସୋମବାର ୮ଦଫା ଦାବିରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସ୍ଥାନୀୟ ପୋଷ୍ଟ ଅଫିସ ଛକଠାରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସେମାନଙ୍କର ଦାବିକୁ ସରକାର ମାନିନେବା ସହ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ପୃଥୀରାଜ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସାମାଜିକ କର୍ମୀ ପ୍ରଦୀପ ସାହୁ, ହାଡୁବନ୍ଧୁ ମହାପାତ୍ର, ପ୍ରସନ୍ନ ବାରିକ, ଓମ ପ୍ରକାଶ ବାହୁବଳେନ୍ଦ୍ର,ପଦ୍ମଲୋଚନ ରାଉତରାୟ, ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ବାବୁଲି ପାତ୍ର, ସବୁଜ ପତ୍ରିକାଧାରୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମାର୍ଥା, ବେଗୁନିଆ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ମାନସିଂହ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ସାହୁ, ଉପସଭାପତି ଅନସୂୟା ଶ୍ରୀଚନ୍ଦନ, ସମ୍ପାଦିକା ଅନିତା ସାହୁ, ସହ ସମ୍ପାଦିକା ଜୟନ୍ତୀ ତ୍ରିପାଠୀ, କୋଷାଧ୍ୟକ୍ଷ ଦେବସ୍ମିତା ସାହୁ, ଉପଦେଷ୍ଟା ରଞ୍ଜୁବାଳା ସାହୁଙ୍କ ସମେତ ତିନି ଶହରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।



ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଉତ୍ତମ ଭାଷା, ଶାଳୀନତା ଗଢ଼େ ଭବିଷ୍ୟତ

### ଦୟାନନ୍ଦ ଆଦର୍ଶ ଗୁରୁକୁଳ ଲୋକାର୍ପଣ ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୨୨।୩(ଡି.ଏନ୍.ଏ)

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମରେ ଗତ ଦୁଇଦିନ ଧରି ଚାଲିଥିବା ଦୟାନନ୍ଦ ଆଦର୍ଶ ଗୁରୁକୁଳ ଲୋକାର୍ପଣ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ପ୍ରବଚକ ତଥା ଗୁରୁକୁଳର ପ୍ରତିଷ୍ଠାତା ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବେଗୁନିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସୁରେନ୍ଦ୍ର ନାଥ ଛୋଟରାୟ ବକ୍ତାଭାବେ ଯୋଗଦେଇଥିଲେ। ମୁକ୍ତାନନ୍ଦ ଜୀ, ମହେନ୍ଦ୍ର ପାଲ ଜୀ, ସାମାଜିକ କର୍ମୀ ଭିକାରୀ ଚରଣ ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ଶିଶୁଟିଏ ପ୍ରାଥମିକସ୍ତରରୁ ଉତ୍ତମ ଭାଷା, ବ୍ୟବହାରରେ ଶାଳୀନତା ରକ୍ଷା କରେ ତେବେ ଶିଶୁଟିର ସୁନ୍ଦର ଭବିଷ୍ୟତ ଉଜ୍ଜ୍ୱଳମୟ ସ୍ପଷ୍ଟ ହୋଇଥାଏ ବୋଲି ମୁଖ୍ୟ ଅତିଥି ସାହୁ କହିଥିଲେ। ଦୈନନ୍ଦିନ ପ୍ରାତଃ ସମୟରେ ଯୋଗାସନ ଜରୁରି ବୋଲି ଅତିଥିମାନେ କହିଥିଲେ। ଡ.ହରି ଭାଇ ସଂଯୋଜନା କରିଥିବା ବେଳେ ପ୍ରବୀର, ଦୀପକ, ଅଭୟ, ଇତିଶ୍ରୀ ସାହୁ ସହଯୋଗ କରିଥିଲେ। ପ୍ରାତଃରେ ବୈଦିକ ଯଜ୍ଞର ପୂର୍ଣ୍ଣାହୁତି ସମାପନ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ୩.୫ଲକ୍ଷ ଟଙ୍କା ଦିଅ, ରୋଗୀଙ୍କୁ ନିଅ

■ଦାବି କରୁଛି ଘରୋଇ ହସ୍ପିଟାଲ
■ଜିଲାପାଳଙ୍କୁ ଗୁହାରି ଜଣାଇଲେ ପରିବାର
■ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବୁ

ଖୋର୍ଦ୍ଧା ଅଫିସ,୨୨।୩

ଖୋର୍ଦ୍ଧା ବ୍ଲକ ଗୋଳବାଇ ଶାସନର ତ୍ରିଲୋଚନ ସାମନ୍ତରାୟ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ପ୍ରଥମେ ଖୋର୍ଦ୍ଧା ମେଡିକାଲ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଫେବୃୟାରୀ ୨୧ରେ ଭର୍ତ୍ତି କରିଥିଲେ। ପରିବାରଲୋକେ ଧାର କରି ଚିକିତ୍ସା ବାବଦକୁ ୨ଲକ୍ଷ ୫୦ହଜାର ଟଙ୍କା ଦେଇସାରିଲେଣି। ଚିକିତ୍ସାରେ କୌଣସି ଉନ୍ନତି ନ ହେବାରୁ ପରିବାର ଲୋକେ ତାଙ୍କୁ ସରକାରୀ ମେଡିକାଲକୁ ନେବା ପାଇଁ ସମ୍ପୃକ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। ମାତ୍ର କର୍ତ୍ତୃପକ୍ଷ ଚିକିତ୍ସା ବାବଦକୁ ଆଉ ୩ ଲକ୍ଷ ୫୦ହଜାର ଟଙ୍କା ଦାବି କରୁଛନ୍ତି। ଟଙ୍କା ନ ଦେଲେ ସ୍ୱାମୀଙ୍କୁ ଛାଡିବେନି ବୋଲି କହୁଥିବା ତ୍ରିଲୋଚନଙ୍କ ସ୍ତ୍ରୀ ସୁନିତା ସାମନ୍ତରାୟ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ ଉକ୍ତ ଚିକିତ୍ସାଳୟରୁ ମୁକ୍ତ କରିବା ଲାଗି ସପରିବାର ଏବଂ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଜିଲାପାଳ ଆମ କଥା କିଛି ନ ବୁଝିଲେ, ଆଗାମୀ ଦିନରେ ପରିବାର ସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆତ୍ମାହୁତି ଦେବେ ବୋଲି ସୁନିତା କହିଛନ୍ତି। ଗୋଳବାଇଶାସନ ସରପଞ୍ଚ ବିପିନ ବାହିନୀପତି କହିଛନ୍ତି, ତ୍ରିଲୋଚନ କୌଣସି କାମରେ ଖୋର୍ଦ୍ଧା ଆସିଥିବା ବେଳେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଧାରକରଜ ସହ ଘର ଆସବାବପତ୍ର ବିକ୍ରି ଚିକିତ୍ସା କରୁଛନ୍ତି। ଏବେ ସମ୍ପୃକ୍ତ ହସ୍ପିଟାଲ ତ୍ରିଲୋଚନଙ୍କ ଚିକିତ୍ସା ପରିବର୍ତ୍ତେ ଅଧିକ ଟଙ୍କା ଦାବି କରୁଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛୁ ବୋଲି ସେ କହିଛନ୍ତି।